ଆଜି - ରବିବାର
ତାରିଖ - ୨୯ ମାର୍ଚ୍ଚ ୨୦୨୬
ମାସ - ମୀନ, ଦିନ - ୧୫
ତିଥି - ଏକାଦଶୀ, ପକ୍ଷ-ଶୁକ୍ଳ
ନକ୍ଷତ୍ର - ଅଶ୍ଳେଷା, କର୍କଟ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୪୭: ୦୦
ସୂର୍ଯ୍ୟାସ୍ତ - ୫ : ୫୭ : ୦୦
E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ଜୀବନକୁ ଏପରି ବଂଚିବାକୁ ଚେଷ୍ଟାକର ଯେମିତି ଆସନ୍ତାକାଲି ହିଁ ତୁମେ ମରିବାକୁ ଯାଉଛ । ବିଦ୍ୟା ଶିକ୍ଷା କଲାବେଳେ ଏମିତି ଶିକ୍ଷା କର ଯେମିତିକି ସାରା ଜୀବନ ତୁମେ ବଂଚିବ ।"

- ମହାତ୍ମା ଗାନ୍ଧି

E-News : www.Ajikali epaper.com

Vol.- 40 ISSUE- 344 R.N.I. REGD. No. 44026/86 ବାଲେଶ୍ୱର ୨୯ ମାର୍ଚ୍ଚ ୨୦୨୬ ରବିବାର BALASORE 29 MARCH 2026 SUNDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦

## ନୋଇଡ଼ା ଅନ୍ତର୍ଜାତୀୟ ବିମାନବନ୍ଦର ପର୍ଯ୍ୟାୟ-୧ର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଶନିବାର ଉତରପ୍ରଦେଶର ଜିଓ୍ୱାରଠାରେ ନୋଇଡା ଅନ୍ତର୍ଜାତୀୟ ବିମାନବନ୍ଦରର ଉଦ୍ଘାଟନ କରିଛନ୍ତି । ଏହି ଅବସରରେ ଗର୍ବ ଓ ଆନନ୍ଦ ପ୍ରକାଶ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି ବିକଶିତ ଉତରପ୍ରଦେଶ ଓ ବିକଶିତ ଭାରତ ଅଭିଯାନ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ାଯାଇଛି । ଭାରତର ବୃହତମ ରାଜ୍ୟ ଏବେ ସର୍ବାଧିକ ସଂଖ୍ୟକ ଅନ୍ତର୍ଜାତୀୟ ବିମାନବନ୍ଦର ଥିବା ରାଜ୍ୟମାନଙ୍କ ମଧ୍ୟରେ ଅନ୍ୟତମ ପାଲଟିଛି । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି ସେ ଦୁଇଗୁଣ ଆନନ୍ଦ ଅନୁଭବ କରୁଛନ୍ତି, ପ୍ରଥମତଃ ସେ ଏହାର ଭିତିପ୍ରସ୍ତର ସ୍ଥାପନ କରିଥିଲେ ଓ ଏବେ ଉଦ୍ଘାଟନ ମଧ୍ୟ କରିଛନ୍ତି ଓ ଦ୍ୱିତୀୟତଃ ଏହି ବିମାନବନ୍ଦରର ନାମ ଉତରପ୍ରଦେଶ ସହିତ ସଂପର୍କିତ ରହିଛି । "ଏହି ରାଜ୍ୟ ମୋତେ ନିଜର ପ୍ରତିନିଧି ଭାବେ ସଂସଦକୁ ପଠାଇଥିଲା ଓ ଏହାର ନାମ ଏବେ ଏହି ଭବ୍ୟ ବିମାନବନ୍ଦର ସହ ଯୋଡ଼ି ହୋଇଛି । ନବନିର୍ମିତ ନୋଏଡା ବିମାନବନ୍ଦରର ସୁଦୂରପ୍ରସାରୀ ପ୍ରଭାବ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ନୋଏଡା ବିମାନବନ୍ଦର ଆଗ୍ରା, ମଥୁରା, ଆଲିଗଡ଼, ଗାଜିଆବାଦ, ମିରଟ, ଇଟାଓ୍ୱା, ବୁଲନ୍ଦସହର ଏବଂ ଫରିଦାବାଦ ସମେତ ଏକ ବିସ୍ତୃତ ଅଂଚଳକୁ ଉପକୃତ କରିବ । ଏହି ବିମାନବନ୍ଦର ପଶ୍ଚିମ ଉତର ପ୍ରଦେଶର ଚାଷୀ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଏବଂ ଯୁବକମାନଙ୍କ ପାଇଁ ଅନେକ ନୂତନ ନିଯୁକ୍ତି ସୁଯୋଗ ଆଣିବ । ଶ୍ରୀ ମୋଦୀ କହିଛନ୍ତି, 'ଏଠାରୁ ସାରା ବିଶ୍ୱକୁ ବିମାନ ଉଡ଼ିବ ଏବଂ ଏହି ବିମାନବନ୍ଦର 'ବିକଶିତ ଉତରପ୍ରଦେଶର ଉଡ଼ାଣର ପ୍ରତୀକ ହେବ ।' ଏଥିପାଇଁ ସେ ରାଜ୍ୟର ଲୋକମାନଙ୍କୁ, ବିଶେଷକରି ପଶ୍ଚିମ ଉତର ପ୍ରଦେଶର ଲୋକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ । ବର୍ତମାନର ବିଶ୍ୱ ପରିସ୍ଥିତି ଉପରେ ବକ୍ତବ୍ୟ ରଖି ପ୍ରଧାନମନ୍ତ୍ରୀ କହିଥିଲେ ଯେ ପଶ୍ଚିମ ଏସିଆରେ ଏକ ମାସରୁ ଅଧିକ ସମୟ ଧରି ଯୁଦ୍ଧ ଚାଲିଛି ଓ ଏହାକୁ ନେଇ ସମଗ୍ର ବିଶ୍ୱ ଚିନ୍ତିତ ଅଛି । ଏହା ଫଳରେ ଅନେକ ଦେଶରେ ଖାଦ୍ୟ, ପେଟ୍ରୋଲ, ଡିଜେଲ, ଗ୍ୟାସ ଏବଂ ସାର ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ରହିଛି । ଭାରତ ଏହି ଯୁଦ୍ଧଗ୍ରସ୍ତ ଅଂଚଳରୁ ପ୍ରଚୁର ପରିମାଣରେ ଅଶୋଧିତ ତେଲ ଏବଂ ଗ୍ୟାସ ଆମଦାନୀ କରେ । ତେବେ ଶ୍ରୀ ମୋଦୀ ଆଶ୍ୱାସନା ଦେଇ କହିଥିଲେ, 'ସରକାର ଏହି ସଙ୍କଟର ବୋଝ ସାଧାରଣ ପରିବାର ଏବଂ କୃଷକଙ୍କ ଉପରେ ନପଡ଼ିବା ପାଇଁ ସମସ୍ତ ପ୍ରକାରର ପଦକ୍ଷେପ ନେଉଛନ୍ତି ।' ବିଶ୍ୱ ସଙ୍କଟ ସମୟରେ ମଧ୍ୟ ଭାରତର ନିରନ୍ତର ଦ୍ରୁତ ଅଭିବୃଦ୍ଧି କଥା ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କେବଳ ପଶ୍ଚିମ ଉତର ପ୍ରଦେଶରେ ଗତ କିଛି ସପ୍ତାହ ମଧ୍ୟରେ ଏହା ଉଦ୍ଘାଟିତ କିମ୍ବା ଭିତିପ୍ରସ୍ତର ସ୍ଥାପନ ହୋଇଥିବା ଚତୁର୍ଥ ପ୍ରମୁଖ ପ୍ରକଳ୍ପ । 'ଏହି ସମୟ ମଧ୍ୟରେ, ନୋଏଡାରେ ଏକ ପ୍ରମୁଖ ସେମିକଣ୍ଡକ୍ଟର କାରଖାନାର ଶିଳାନ୍ୟାସ କରାଯାଇଥିଲା, ଦେଶର ପ୍ରଥମ ଦିଲ୍ଲୀ-ମିରଟ ନମୋ ଭାରତ ଟ୍ରେନ୍ ଚାଲିଥିଲା, ମିରଟ ମେଟ୍ରୋର ସଂପ୍ରସାରଣ କରାଯାଇଥିଲା ଏବଂ ଆଜି ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦର ଉଦ୍ଘାଟିତ ହେଉଛି,' ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ ଉତର ପ୍ରଦେଶର ବିକାଶରେ ଏହି ଉଲ୍ଲେଖନୀୟ ସଫଳତା ପାଇଁ ବର୍ତମାନ ସରକାରଙ୍କୁ ଶ୍ରେୟ ଦେଇଥିଲେ । ସେ କହିଥିଲେ ଯେ ସେମିକଣ୍ଡକ୍ଟର କାରଖାନା ଭାରତକୁ ପ୍ରଯୁକ୍ତି ବିଦ୍ୟାରେ ଆତ୍ମନିର୍ଭରଶୀଳ କରୁଛି, ମିରଟ୍ ମେଟ୍ରୋ ଏବଂ ନମୋ ଭାରତ ରେଳ ଦ୍ରୁତ ଏବଂ ସ୍ମାର୍ଟ ସଂଯୋଗ ପ୍ରଦାନ କରୁଛି ଏବଂ ଜେଓ୍ୱାର ବିମାନବନ୍ଦର ସମଗ୍ର ଉତର ଭାରତକୁ ବିଶ୍ୱ ସହିତ ସଂଯୋଗ କରୁଛି । ଶ୍ରୀ ମୋଦୀ କହିଥିଲେ, 'ବର୍ତମାନର ସରକାରଙ୍କ ଅଧୀନରେ, ଆଜି ନୋଏଡା ୟୁପିର ବିକାଶର ଏକ ଶକ୍ତିଶାଳୀ ଇଞ୍ଜିନ୍ ପାଲଟିଛି ।' ଏହି ବିମାନବନ୍ଦର ପ୍ରକଳ୍ପର ଇତିହାସ ବିଷୟରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ ମନେ ପକାଇଥିଲେ ଯେ ଜେଓ୍ୱାର ବିମାନବନ୍ଦରକୁ ୨୦୦୩ ମସିହାରେ ଅଟଳ ଜୀଙ୍କ ଦ୍ୱାରା ଅନୁମୋଦନ କରାଯାଇଥିଲା ।

## ଦୁଇ ଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

### ରାଷ୍ଟ୍ରପତିଙ୍କୁ ଭେଟିବା ସହ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେବେ



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ୨ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି । ନୂଆଦିଲ୍ଲୀରେ ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସେ ଯୋଗଦେବେ ବୋଲି ଜଣେ ଅଧିକାରୀଠାରୁ ସୂଚନା ମିଳିଛି । ରାଷ୍ଟ୍ରପତିଙ୍କୁ ଭେଟିବା ସହ ଆଉ କିଛି ଅଧିକାରୀଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଛି । ଏହା ପରେ ସେ ଭୁବନେଶ୍ୱର ଫେରି ଆସିବେ । ମୁଖ୍ୟମନ୍ତ୍ରୀଙ୍କ ସହିତ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ଦିଲ୍ଲୀ ଯାଇଛନ୍ତି । ସୂଚନା ଥାଉକି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କର ଶୁକ୍ରବାର ଏକ ଭର୍ଚୁଆଲ ବୈଠକ ହୋଇଥିଲା । ଏହି ବୈଠକରେ ପଶ୍ଚିମ ଏସିଆ ସଙ୍କଟ ଉପରେ ମୁଖ୍ୟମନ୍ତ୍ରୀ ଦୃଢ଼ ଭାବରେ କହିଥିଲେ ଯେ, ରାଜ୍ୟ ସରକାର ଉଦୀୟମାନ ଚ୍ୟାଲେଞ୍ଜର ମୁକାବିଲା କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ, ଅତ୍ୟାବଶ୍ୟକୀୟ ସାମଗ୍ରୀର ନିରନ୍ତର ଯୋଗାଣ ଏବଂ ଗଚ୍ଛିତ ଏବଂ କଳାବଜାରୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ । ଜନସଚେତନତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ କହିଥିଲେ, ବିଶ୍ୱ ଅନିଶ୍ଚିତତା ମଧ୍ୟରେ ବଜାର ସ୍ଥିରତା ବଜାୟ ରଖିବା ସହିତ ପ୍ରତ୍ୟେକ ନାଗରିକଙ୍କ ପାଖରେ ସଠିକ୍ ସୂଚନା ପହଂଚିବା ପାଇଁ ପ୍ରୟାସ ଜୋରଦାର କରାଯାଉଛି । ସେ ଲୋକମାନଙ୍କୁ ଶାନ୍ତ ରହିବା, ଆତଙ୍କିତ କିଣାକାଟା ଏଡାଇବାକୁ ଏବଂ ବ୍ୟବସ୍ଥାର ସୁଗମ କାର୍ଯ୍ୟ ପାଇଁ କର୍ତ୍ତୃପକ୍ଷଙ୍କ ସହ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି । ପେଟ୍ରୋଲିୟମ ଉତ୍ପାଦ ଉପରେ ଉତ୍ପାଦ ଶୁଳ୍କ ହ୍ରାସ କରିବା ପାଇଁ କେନ୍ଦ୍ରର ନିଷ୍ପତିକୁ ସ୍ୱାଗତ କରିଛନ୍ତି, ଏହାକୁ ଏକ ସମୟୋଚିତ ଏବଂ ନାଗରିକ-କୈନ୍ଦ୍ରିକ ପଦକ୍ଷେପ ଭାବରେ ବର୍ଣ୍ଣନା କରିଛନ୍ତି ଯାହା 'ରାଷ୍ଟ୍ର ପ୍ରଥମ' ଆଭିମୁଖ୍ୟକୁ ସୁଦୃଢ଼ କରିଥାଏ । ଉଲ୍ଲେଖଯୋଗ୍ୟ, ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ଭର୍ଚୁଆଲ୍ ବୈଠକରେ ଅଂଶଗ୍ରହଣ କରିବା ପରେ ମୁଖ୍ୟମନ୍ତ୍ରୀ ଏହି ମନ୍ତବ୍ୟ ଦେଇଥିଲେ, ଯେଉଁଥିରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଅନ୍ୟ ରାଜ୍ୟ ନେତାମାନେ ମଧ୍ୟ ଯୋଗ ଦେଇଥିଲେ । ଯାହା ଆମେରିକା-ଇରାନ ଯୁଦ୍ଧ ମଧ୍ୟରେ ପ୍ରଭାବଶାଳୀ ସଙ୍କଟ ପ୍ରଶମନ ରଣନୀତି ଉପରେ ବିଚାର ବିମର୍ଶ କରିଥିଲେ ।

## ଅଳ୍ପରେ ଖବର

- ଦୁଇ ତିନି ଦିନର ବ୍ୟବଧାନ ପରେ ପୁଣି ଚିନ୍ତା ବଢାଇଛି ସୁନା ରୂପା ଦର । ମାର୍ଚ୍ଚ ୨୮ ତାରିଖ ଅର୍ଥାତ୍ ଆଜି ୨୪ କ୍ୟାରେଟ୍ ସୁନା ଦାମ୍ ୧୦ ଗ୍ରାମ୍ ୧ ଲକ୍ଷ ୪୮ ହଜାର ୯୦ ଟଙ୍କା ରହିଛି । ଗତକାଲି ୧ ଲକ୍ଷ ୪୫ ହଜାର ୫୮୦ ଟଙ୍କା ଥିଲା । ଏଥିରେ ୨ ହଜାର ୫୧୦ ଟଙ୍କା ବୃଦ୍ଧି ପାଇଛି ।
- ଶ୍ରୀମନ୍ଦିର ରତ୍ନଭଣ୍ଡାର ଦ୍ୱିତୀୟ ପର୍ଯ୍ୟାୟ ଗଣତିମଣତିକୁ ନେଇ ବଡ଼ ଅପଡେଟ୍ । ଏପ୍ରିଲ୍ ୮, ୯ ଏବଂ ୧୦ ତାରିଖରେ ହେବ ବାହାର ରତ୍ନଭଣ୍ଡାର ଗଣତି ।
- ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ମାର୍ଚ୍ଚ ୨୭ ରୁ ୨୯ ପର୍ଯ୍ୟନ୍ତ ତିନି ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଶନିବାର ସକାଳୁ ସେ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି ।
- ଭୁବନେଶ୍ୱରରେ ଆରମ୍ଭ ହେଲା ଇଣ୍ଡିଆ ଇଂଟରନ୍ୟାସନାଲ ମେଗା ଟ୍ରେଡ ଫେୟାର ଏବଂ ହୋମ୍ ଆଣ୍ଡ ଡେକୋର ଏକ୍ସପୋ । ଜି.ଏସ୍. ମାର୍କେଟିଂ ଆସୋସିଏଟ୍ସ ଏବଂ ଓଡ଼ିଶା ଡେଭଲପର୍ସ ଫେଡେରେସନ୍ (ଓଡିଫେଡ୍) ଦ୍ୱାରା ଏହା ଆୟୋଜିତ ହୋଇଛି ।

## ରେଳବାଇରେ ଆପତିଜନକ ବିଜ୍ଞାପନ ପ୍ରଦର୍ଶନ ନିଷିଦ୍ଧ : ଅଶ୍ୱିନୀ ବୈଷ୍ଣବ



ନୂଆଦିଲ୍ଲୀ : ବିଜ୍ଞାପନ ସଂସ୍ଥାଗୁଡ଼ିକ କେନ୍ଦ୍ର ଏବଂ ରାଜ୍ୟ ଆଇନର ଅନୁପାଳନ କରିବା ଉଚିତ ଏବଂ ସୁନିଶ୍ଚିତ କରିବା ଉଚିତ ଯେ ଆପତିଜନକ ବିଜ୍ଞାପନଗୁଡ଼ିକ ନିଷିଦ୍ଧ; ଉଲ୍ଲଙ୍ଘନ ପାଇଁ ତୁରନ୍ତ ସଂଶୋଧନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଭାରତୀୟ ରେଳବାଇ ବିଜ୍ଞାପନ ଏବଂ ବ୍ରାଣ୍ଡିଂ ମାଧ୍ୟମରେ ଅଣ-ଭଡ଼ା ରାଜସ୍ୱ ଅର୍ଜନ କରିବା ପାଇଁ ବ୍ୟାପକ (ଏନଏଫଆର) ନୀତି ପ୍ରସ୍ତୁତ କରିଛି । ଆଉଟ-ଅଫ୍-ହୋମ୍ (ଓଓଏଚ୍) ବିଜ୍ଞାପନ ନୀତି ଅଧୀନରେ, ଷ୍ଟେସନଗୁଡ଼ିକର ପ୍ରସାରିତ ଅଂଚଳରେ ବିଜ୍ଞାପନ ପାଇଁ ସୁଯୋଗ ଅଛି । ରେଳ ଡିସପ୍ଲେ ନେଟଓ୍ୱାର୍କ (ଆର. ଡି. ଏନ୍.) ନୀତି ଷ୍ଟେସନ ଏବଂ ପରିସର ଅଂଚଳରେ ସ୍କ୍ରିନ୍ ଏବଂ ଡିସପ୍ଲେ ସିଷ୍ଟମ୍ ମାଧ୍ୟମରେ ଡିଜିଟାଲ୍ ବିଜ୍ଞାପନକୁ ପ୍ରଦର୍ଶନ କରେ । ଏହାବ୍ୟତୀତ, ପ୍ରଚଳିତ ନିର୍ଦ୍ଦେଶାବଳୀ ଅନୁଯାୟୀ ବ୍ରାଣ୍ଡିଂ ଏବଂ ବିଜ୍ଞାପନ ପାଇଁ ଟ୍ରେନ୍ ଏବଂ କୋଚ୍ (ଉଭୟ ଭିତର ଏବଂ ବାହାରେ) ଭଳି ଭ୍ରାମ୍ୟମାଣ ସମ୍ପତିର ଲାଭ ଉଠାଯାଇଛି । ବିଜ୍ଞାପନରୁ ଅର୍ଜିତ ରାଜସ୍ୱ ବିବିଧ ରାଜସ୍ୱର ଏକ ଅଂଶ । ବିଭାଗଓ୍ୱାରୀ ରାଜସ୍ୱ ବିବରଣୀ ଭାରତୀୟ ରେଳବାଇର ବାର୍ଷିକ ପରିସଂଖ୍ୟାନ ବିବରଣୀରେ ଉପଲବ୍ଧ । ଭାରତୀୟ ରେଳବାଇର ଇ-କ୍ରୟ ବ୍ୟବସ୍ଥା (ଆଇ. ଆର. ଇ. ପି. ଏସ୍.) ଅନଲାଇନ ପୋର୍ଟାଲରେ ଇ-ନିଲାମ ଜରିଆରେ ସମସ୍ତ ବିଜ୍ଞାପନ ଚୁକ୍ତିନାମା ପ୍ରଦାନ କରାଯାଇଥାଏ । ବିଜ୍ଞାପନଦାତାଙ୍କ ପାଇଁ ଯୋଗ୍ୟତା ମାନଦଣ୍ଡକୁ ରେଖାଙ୍କିତ କରୁଥିବା ବାଣିଜ୍ୟିକ ଆୟ ଏବଂ ଅଣ-ଭଡ଼ା ରାଜସ୍ୱ ନୀତି ଏବଂ ଅନୁବନ୍ଧ ସମ୍ବନ୍ଧୀୟ ସ୍ୱତନ୍ତ୍ର ସର୍ତାବଳୀ ଅନୁଯାୟୀ ନିବେଶକଙ୍କୁ ଚୟନ କରାଯାଇଥାଏ । ଟ୍ରେନରେ ପ୍ରଦର୍ଶିତ ବିଜ୍ଞାପନ ପାଇଁ, ପ୍ରତ୍ୟେକ ବିଜ୍ଞାପନ ଯୋଜନାର ପୂର୍ବଅନୁମୋଦନ ବାଧ୍ୟତାମୂଳକ ଏବଂ ସମ୍ପୃକ୍ତ ରେଳବାଇ ଡିଭିଜନର ଡିଭିଜନାଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ପଡିବ । ତେବେ, ବିଜ୍ଞାପନ ପ୍ରଦର୍ଶନ ପାଇଁ ବ୍ରାଣ୍ଡ ଚୟନ କରିବା ବିଜ୍ଞାପନ ଏଜେନ୍ସିର ବିଶେଷାଧିକାର । ବିଜ୍ଞାପନ ପ୍ରଦର୍ଶନ ପାଇଁ ବିଜ୍ଞାପନ ଏଜେନ୍ସି କେନ୍ଦ୍ର/ରାଜ୍ୟ ଆଇନ ପାଳନ କରିବା ଆବଶ୍ୟକ । ଆଇନର ନଜରରେ ଆପତିଜନକ ବିଜ୍ଞାପନ ନିଷେଧ ଅଟେ ।

## ସମରା ଓରାମ ଏଜୁକେସନାଲ ଟ୍ରଷ୍ଟର ତାଲିମ ଶିବିରକୁ ସମ୍ବୋଧିତ କଲେ ଜୁଏଲ ଓରାମ



ସୁନ୍ଦରଗଡ଼ : ସମରା ଓରାମ ଏଜୁକେସନାଲ ଟ୍ରଷ୍ଟର ସହଯୋଗରେ ଆମେରିକାର ୱାର୍ଲଡ ୱମାନ ଫାଉଣ୍ଡେସନ ତରଫରୁ ଏଠାରେ ଆଦିବାସୀ ବାଳିକାମାନଙ୍କ ପାଇଁ ଏକ ଦିନିକିଆ କୃତ୍ରିମ ବୁଦ୍ଧିମତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଭାରତବର୍ଷରେ ପ୍ରଥମ ଥର ପାଇଁ ଆୟୋଜିତ ଏହି ଧରଣର ବୁଟ୍ କ୍ୟାମ୍ପ ସ୍ୱଳ୍ପ ସୁବିଧା ପ୍ରାପ୍ତ ସମ୍ପ୍ରଦାୟ ନିକଟରେ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ପହଂଚାଇବା ପାଇଁ ଉଦ୍ଦିଷ୍ଟ । ଆଦିବାସୀ ବାଳିକା ମାନଙ୍କୁ ବୈଷୟିକ ଜ୍ଞାନ ଉପଲବ୍ଧ କରିବା ଉଦ୍ଦେଶ୍ୟରେ ଅଭିପ୍ରେତ ଏହି ପାଇଲଟ ପ୍ରକଳ୍ପ ଜରିଆରେ ପ୍ରଥମ ଦଫାରେ ଶହେ ପଚାଶ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଥିବା ଜଣାଯାଇଛି । ସୁନ୍ଦରଗଡ଼ ଜିଲ୍ଲାର କେନ୍ଦୁଡ଼ିହି ସ୍ଥିତ ସମରା ଓରାମ ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ଭବିଷ୍ୟତ ନିଯୁକ୍ତିକୁ ଦୃଷ୍ଟିରେ ରଖି ଅଂଶଗ୍ରହଣକାରୀମାନଙ୍କୁ ବାସ୍ତବଧର୍ମୀ କୃତ୍ରିମ ବୁଦ୍ଧିମତାର ପ୍ରୟୋଗୀକରଣ ନେଇ ଡିଜିଟାଲ କୌଶଳ ସମ୍ପର୍କରେ ପ୍ରାଥମିକ ସ୍ତରରେ ଶିକ୍ଷା ପ୍ରଦାନ କରାଯାଇଥିଲା । ବୁଟକ୍ୟାମ୍ପର ସଫଳ ସମାପନ ପରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ମୁଖ୍ୟ ଉଦ୍ୟୋକ୍ତା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ, ବିଶ୍ୱଭରି ଆଦିବାସୀ ମହିଳା ଓ ବାଳିକାମାନଙ୍କୁ କୃତ୍ରିମ ବୁଦ୍ଧିମତା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିବା ନେଇ ୱାର୍ଲଡ ୱମାନ ଫାଉଣ୍ଡେସନର ସାଧୁ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ବୁଟ କ୍ୟାମ୍ପ ନିଶ୍ଚିତ ଭାବେ ଏକ ସ୍ୱୟଂ ସମୃଦ୍ଧ ,ସର୍ବକୁଶଳୀ ଏବଂ ସଶକ୍ତ ଆଦିବାସୀ ସମାଜ ଗଠନ କରିବାରେ ସହାୟକ ହେବ ବୋଲି ଶ୍ରୀ ଓରାମ୍ ଦୃଢ଼ ଆଶା ପୋଷଣ କରିଥିଲେ । ଆଦିବାସୀ ସମ୍ପ୍ରଦାୟକୁ ଉଦୀୟମାନ ବୈଷୟିକ ଜ୍ଞାନ କୌଶଳ ସମ୍ପର୍କରେ ପ୍ରଶିକ୍ଷିତ କରାଯିବା ଦ୍ୱାରା ସମନ୍ୱିତ ଓ ସନ୍ତୁଳିତ ବିକାଶ ସମ୍ଭବପର ହେବା ସାଙ୍ଗକୁ ଭାରତର ଡିଜିଟାଲ ରୂପାନ୍ତରଣରେ କୌଣସି ସମ୍ପ୍ରଦାୟ ସାମିଲ ନହୋଇ ପାରିବାର ସମ୍ଭାବନାକୁ ମଧ୍ୟ ଦୂର କରାଯାଇ ପାରିବ ବୋଲି ଶ୍ରୀ ଓରାମ୍ ମତବ୍ୟକ୍ତ କରିଥିଲେ । ସାମ୍ବାଦିକ ସମ୍ମିଳନୀରେ ଉଦବୋଧନ ଦେଇ ୱାର୍ଲଡ ୱମାନ ଫାଉଣ୍ଡେସନର ପ୍ରତିଷ୍ଠାତ୍ରୀ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲସଏଞ୍ଜେଲସ ନିବାସୀ ରୂପା ଦାଶ , ପ୍ରତିଭା ସର୍ବାଦୃତ କିନ୍ତୁ ସୁଯୋଗ ସର୍ବବ୍ୟାପ୍ତ ନୁହଁ ବୋଲି ମତ ପ୍ରକାଶ କରିଥିଲେ । ଶହେ ପଚାଶ ଜଣ ଆଦିବାସୀ ବାଳିକାଙ୍କୁ ତାଲିମ୍ ଦେବା କେବଳ ଏକ ସାଧାରଣ କାର୍ଯ୍ୟକ୍ରମ ନୁହେଁ ,ଏହା ପ୍ରଚଳିତ ବ୍ୟବସ୍ଥାର ପରିବର୍ତନ, ଅପାର ସୁଯୋଗ ଭଣ୍ଡାରର ଅନାବରଣ ଏବଂ ଭବିଷ୍ୟତରେ ଏକ ସମତା ସମ୍ପନ୍ନ ସମାଜ ଗଠନ ପାଇଁ ସବୁ ସମ୍ପ୍ରଦାୟର ନାରୀନେତ୍ରୀ ମାନଙ୍କୁ ପ୍ରସ୍ତୁତ କରିବା ଦିଗରେ ୱାର୍ଲଡ ୱମାନ ଫାଉଣ୍ଡେସନର ପ୍ରତିବଦ୍ଧତାର ଅଂଶ ବିଶେଷ ବୋଲି ଶ୍ରୀମତୀ ଦାଶ ସୂଚାଇଥିଲେ ।

## ଖରା ଛୁଟି ପୂର୍ବରୁ ପିଲାଙ୍କୁ ୟୁନିଫର୍ମ ବଂଟନ କରାଯିବ : ଗଣଶିକ୍ଷା ମନ୍ତ୍ରୀ



ଭୁବନେଶ୍ୱର : ଗତ ଶିକ୍ଷାବର୍ଷରେ ଯେପରି ସ୍କୁଲ ୟୁନିଫର୍ମ ବଂଟନରେ ସମସ୍ୟା ଦେଖିବାକୁ ମିଳିଥିଲା ତାର ଆଉ ପୁନରାବୃତି ହେବନି । ପିଲାଙ୍କୁ ଖରା ଛୁଟି ପୂର୍ବରୁ ପୋଷାକ ବଂଟନ କରାଯିବ । ଏହାର ତଦାରଖ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ କରିବେ । କେବଳ ପୋଷାକ ବଂଟନ ନୁହେଁ, ପାଠପଢ଼ା ଆରମ୍ଭରେ ବି କୌଣସି ପ୍ରକାର ବିଳମ୍ବ ନହୁଏ ସେଥିଲାଗି ମଧ୍ୟ କୁହାଯାଇଛି । ଗତକାଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ସମସ୍ତ ଜିଲ୍ଲାପାଳଙ୍କୁ ନେଇ ଚିଠି କରିଥିଲେ । ତେବେ ଏହି ନିର୍ଦ୍ଦେଶାନାମାକୁ କଡ଼ାକଡ଼ି ପାଳନ ନକଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ସ୍କୁଲ ଛାତ୍ରଛାତ୍ରୀଙ୍କୁ ଯେପରି ଧାର୍ଯ୍ୟ ସମୟରେ ପୋଷାକ ବଂଟନ ହେବ ତାକୁ ନେଇ ଆଗୁଆ ପଦକ୍ଷେପ ନିଆଯାଇଛି । ଗୁଣାତ୍ମକ ମାନର କପଡ଼ାରେ ପୋଷାକ ସିଲେଇ କରି ପୋଷାକ ବଂଟନ କରାଯିବ । ଖରା ଛୁଟି ପୂର୍ବରୁ ପୋଷାକ ବଂଟନ ସୁନିଶ୍ଚିତ କରାଯିବ । ପୋଷାକ ବଂଟନ ପାଇଁ ଆଗୁଆ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ସମୟ ମଧ୍ୟରେ ଛାତ୍ରଛାତ୍ରୀଙ୍କ ପାଇଁ ପୋଷାକ ପରିମାଣ, ମାପ ଏସବୁ ସଂଗ୍ରହ କରାଯିବ । ଏଜେନ୍ସି ଚୟନ କରାଯିବ । ପୋଷାକ ସିଲେଇ ହେବ । ଏହାକୁ ବଂଟନ ହେବ । ଯେପରି କୌଣସି ଜଣେ ବି ପିଲା ପୋଷାକ ବଂଟନରୁ ବଂଚିତ ନହୁଅନ୍ତି ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି । ପୋଷାକ କପଡ଼ାର ମାନ ଓ ସିଲେଇରେ ଯେପରି କୌଣସି ପ୍ରକାର ତ୍ରୁଟି ନଦେଖାଯାଏ ସେଥିଲାଗି ମଧ୍ୟ କୁହାଯାଇଛି । ଏହାକୁ ଖୋଦ୍ ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳ ତଦାରଖ କରିବାକୁ ନିର୍ଦ୍ଦେଶ ହୋଇଛି । ପୋଷାକ ବଂଟନ ପାଇଁ ସବୁ ଦିନ ଏହାର ସମୀକ୍ଷା ବୈଠକ କରି ତଥ୍ୟ ସଂଗ୍ରହ କରାଯିବ । ଯଦି କୌଣସି ସ୍ଥାନରେ ପୋଷାକ ପହଂଚିବାରେ ବିଳମ୍ବ ହେଉଛି କିମ୍ବା ଖରାପ ମାନର ପୋଷାକ ବଂଟନ ହୋଇଛି ସେହି ସମସ୍ୟାର ସମାଧାନ ସହ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି । ଓସେପା ଓ ଗଣଶିକ୍ଷା ବିଭାଗକୁ ପ୍ରତି ୧୪ ଦିନରେ ରିପୋର୍ଟ ପ୍ରଦାନ କରାଯିବ । ଏନେଇ ବିଭାଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାକୁ କୁହାଯାଇଛି । ସୂଚନାଯୋଗ୍ୟ, ଗତ ଶିକ୍ଷା ବର୍ଷ (୨୦୨୫-୨୬)ରେ ପୋଷାକ ବଂଟନ କାର୍ଯ୍ୟକ୍ରମରେ ବିଳମ୍ବ ହୋଇଥିଲା । ଶିକ୍ଷାବର୍ଷ ଶେଷ ଯାଏ ଅନେକ ସ୍କୁଲରେ ପୋଷାକ ବଂଟନ ହୋଇପାରିନଥିଲା । ତେଣୁ ଏହାର ପୁନରାବୃତି ନହେବା ପାଇଁ ବିଭାଗ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି ।

## ଏପ୍ରିଲ ୧ରୁ ଆରମ୍ଭ ହେବ ସୁଭଦ୍ରା ଯୋଜନାର ପଞ୍ଜୀକରଣ ପ୍ରକ୍ରିୟା : ଉପ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ରାଜ୍ୟର ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ତଥା ସ୍ୱାବଲମ୍ବନ ପାଇଁ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ 'ସୁଭଦ୍ରା ଯୋଜନା' ଅଧୀନରେ ଅଧିକ ସଂଖ୍ୟକ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ସରକାରଙ୍କ ଅନୁମୋଦନ କ୍ରମେ, ଆସନ୍ତା ୦୧ ଏପ୍ରିଲ ୨୦୨୬ ରୁ ୩୦ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଏକ ମାସ ପାଇଁ 'ସୁଭଦ୍ରା ପୋର୍ଟାଲ' ମାଧ୍ୟମରେ ନୂତନ ଆବେଦନ ଗ୍ରହଣ କରାଯିବ । ୦୧.୦୪.୨୦୨୬ ସୁଦ୍ଧା ଆବେଦନକାରୀଙ୍କ ବୟସ ୨୧ ବର୍ଷରୁ ୬୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ । ଆର୍ଥିକ ସହାୟତା: ଯୋଗ୍ୟ ବିବେଚିତ ହିତାଧିକାରୀମାନେ ୨୦୨୬-୨୭ ଆର୍ଥିକ ବର୍ଷରୁ ଯୋଜନାର ଅବଧି ପର୍ଯ୍ୟନ୍ତ ବାର୍ଷିକ ଦୁଇଟି କିସ୍ତିରେ ମୋଟ ୧୦,୦୦୦ ଟଙ୍କାର ସହାୟତା ରାଶି ପାଇବେ । ଆବେଦନ ପ୍ରକ୍ରିୟା ଓ ସର୍ତାବଳୀ: କେଉଁମାନେ ଆବେଦନ କରିପାରିବେ: ଯେଉଁ ମହିଳାମାନେ ପୂର୍ବରୁ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିନାହାଁନ୍ତି, କେବଳ ସେହିମାନେ ହିଁ ଏହି ସମୟସୀମା ମଧ୍ୟରେ ନୂତନ ଭାବେ ଆବେଦନ କରିପାରିବେ । ପୂର୍ବରୁ ଆବେଦନ କରିଥିବା ମହିଳାଙ୍କ ଆବେଦନ ଗ୍ରହଣୀୟ ହେବ ନାହିଁ । କେଉଁଠାରେ ଆବେଦନ କରିବେ : ନୂତନ ଆବେଦନଗୁଡିକ ସାଧାରଣ ସେବା କେନ୍ଦ୍ର ଏବଂ ଆମ ସେବା କେନ୍ଦ୍ର ମାଧ୍ୟମରେ ସୁଭଦ୍ରା ପୋର୍ଟାଲ ଜରିଆରେ ପଞ୍ଜୀକୃତ କରାଯିବ । ସୁଭଦ୍ରା ଯୋଜନା ହେଉଛି ରାଜ୍ୟର ମହିଳାମାନଙ୍କ ପାଇଁ ଏକ ଐତିହାସିକ ପଦକ୍ଷେପ । ଏଥିରୁ ଯେପରି କୌଣସି ଯୋଗ୍ୟ ହିତାଧିକାରୀ ବାଦ୍ ନପଡ଼ନ୍ତି, ସେଥିପାଇଁ ସରକାର ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରିଛନ୍ତି ।

# ରେମୁଣା ବିଜ୍ଞାପିତ ଅଂଚଳ ପରିଷଦରେ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଶୁଭ ଶିଳାନ୍ୟାସ




ବାଲେଶ୍ୱର(ନିପ୍ର) : ଶନିବାର ଅପରାହ୍ନ ୪ ଘଟିକା ସମୟରେ ରେମୁଣା ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ବହୁ ଲୋକାଭିମୁଖୀ ପ୍ରକଳ୍ପର ଶୁଭ ଶିଳାନ୍ୟାସ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସଙ୍କ କରକମଳରେ ହୋଇଥିଲା । ଅଂଚଳ ବାସୀଙ୍କ ବହୁ ଦିନର ଆଶା ପୂରଣ ତଥା ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ବିଧାୟକ ଶ୍ରୀ ଦାସ ପ୍ରାୟ ୫୦ ଲକ୍ଷରୁ ଊର୍ଦ୍ଧ ଟଙ୍କା ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିଥିଲେ । ଏହି ଶିଳାନ୍ୟାସ ଶୁଭ ଅବସରରେ ସ୍ଥାନୀୟ ଜନସାଧାରଣଙ୍କ ସମେତ ରେମୁଣା ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ କମଳ ବିହାରୀ ଦାସ, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ମହେଶ୍ୱର ପ୍ରଧାନ, ମଣ୍ଡଳ ସଭାପତି ମାୟାଧର ପ୍ରଧାନ, କାଉନସିଲର ସିବୋନ ରାୟ, କାହ୍ନୁ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲେଶ୍ୱର ବାର୍ ନିର୍ବାଚନ ଶାନ୍ତିପୂର୍ଣ୍ଣ





ବାଲେଶ୍ୱର(ନିପ୍ର): ୨୮ ତାରିଖ ସକାଳ ୭ଟା ୩୦ମି. ସମୟରେ ରାଜ୍ୟ ଷ୍ଟେଟ୍ ବାର କାଉନସିଲ ନିଷ୍ପତି ଅନୁଯାୟୀ ବାଲେଶ୍ୱର ବାର୍ ପକ୍ଷରୁ ନିର୍ବାଚନ ଅଧିକାରୀ କାର୍ତ୍ତିକ ପ୍ରସାଦ ସିଙ୍କ ପ୍ରତ୍ୟକ୍ଷତତ୍ତ୍ୱାବଧାନରେ ୨୦ ଜଣ ସହାୟତାକାରୀଙ୍କୁ ନେଇ କାଳ ୭ଟା ୩୦ମି.ରୁ ମତଦାନ ଆରମ୍ଭ ହେବା ସହ ଅପରାହ୍ନ ୩ଟା ବେଳେ କାର୍ଯ୍ୟକ୍ରମ ଶେଷ ହେବା । ୪ଟା ବେଳୁ ଗଣତି ଆରମ୍ଭ ହୋଇଛି । ମୋଟ ୧୯ ଜଣଙ୍କର ଭାଗ୍ୟ ନିର୍ଦ୍ଧାରଣ ୨୮ ତାରିଖ ବିଳମ୍ବିତ ରାତ୍ର ମଧ୍ୟରେ ଫଳାଫଳ ଘୋଷିତ ହେବ । ୧୩୯୧ଜଣ ଭୋଟରଙ୍କ ମଧ୍ୟରୁ ୧୨୩୦ଜଣ ମତଦାନ ଦେଇଥିବା ଜଣାପଡ଼ିଛି । ମୋଟା ମୋଟି ବାର୍ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି ବୋଲି ନିର୍ବାଚନ ଅଧିକାରୀ କାର୍ତ୍ତିକ ପ୍ରସାଦ ସି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।




୨୮ ତାରିଖ ମଧ୍ୟାହ୍ନରେ ବାଲେଶ୍ୱର ମୁଖ୍ୟଚିକିତ୍ସାଳୟରେ ଅଗ୍ନୀଶମ ବିଭାଗ ପକ୍ଷରୁ ମକ୍ଡ୍ରୀଲ । ପ୍ରକାଶ ଯେ ନିକଟରେ କଟକରେ ସର୍ଟ ସର୍କିଟ୍ ଯୋଗୁଁ ଚିକିତ୍ସାଳୟରେ ରୋଗୀଙ୍କ ମୃତାହତକୁ ଆଖିଆଗରେ ରଖି ରାଜ୍ୟସରକାରଙ୍କ ପକ୍ଷରୁ ଜିଲ୍ଲାପ୍ରଶାସନକୁ ନିର୍ଦ୍ଦେଶ ହେବା ପରେ ବାଲେଶ୍ୱର ଅଗ୍ନୀଶମ ବିଭାଗ ପକ୍ଷରୁ ମୁଖ୍ୟଚିକିତ୍ସାଳୟରେ ବିଦ୍ୟୁତ୍ ସରବରାହର ସବିଶେଷ ଯାଂଚ କରାଯାଇଛି ଏବଂ ଆକସ୍ମିକ ଭାବେ ଅଗ୍ନୀକାଣ୍ଡ ଘଟିଲେ ହଠାତ୍ କିପରି ରୋଗୀଙ୍କୁ ଉଦ୍ଧାର କରାଯିବ ସେଥିପାଇଁ ମକ୍ଡ୍ରିଲ କରାଯାଇଥିଲା ।

# ଇଂଚୁଡ଼ି କଳାମାଟିଆ ଉପକୂଳରେ ଓୟୁଜେ ର ବେଳାଭୂମି ସ୍ୱଚ୍ଛତା ଅଭିଯାନ



ବାଲେଶ୍ୱର(ନିପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ଲବଣ ସତ୍ୟାଗ୍ରହର ସ୍ମୃତି ପୀଠ ଇଞ୍ଚୁଡ଼ି ର ସମୁଦ୍ର କୂଳ କଳାମାଟିଆ ପାହି ରେ ବେଳାଭୂମି ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି ।ଏହି ଅବସରରେ ୟୁନିଅନ ପକ୍ଷରୁ ବେଳାଭୂମି ରେ ପଡିରହିଥିବା ବିଭିନ୍ନ ଅଦରକାରୀ ସାମଗ୍ରୀକୁ ସଫେଇ କରଯାଇଥିଲା । ବିଶେଷ କରି ବେଳାଭୂମି ବୁଲିବାକୁ ଓ ବଣଭୋଜି କରିବାକୁ ଆସୁଥିବା ଲୋକେ ବ୍ୟବହୃତ କରୁଥିବା ସାମଗ୍ରୀକୁ ଏଣେତେଣେ ଫୋପାଡି ଦେଇ ପଳାଇଯାନ୍ତି । ଏହାଦ୍ୱାରା ସମ୍ପୃକ୍ତ ଅଂଚଳର ଲୋକେ ନାନା ପ୍ରକାର ସ୍ୱାସ୍ଥ୍ୟଗତ ସମସ୍ୟାରେ ସମ୍ମୁଖୀନ ହୋଇଥାନ୍ତି ଓ ପରିବେଶ ପ୍ରଦୂଷିତ ହୋଇଥାଏ । ସମୁଦ୍ର ଉପକୂଳ ବାସୀ ମାନେ ଏ ଦିଗରେ ସଚେତନ ହେବାକୁ ୟୁନିଅନର ସଦସ୍ୟ ମାନେ ଉପକୂଳ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଲେ ଯେ, ବେଳାଭୂମିର ପରିବେଶ ସୁରକ୍ଷା ସହିତ ସମୁଦ୍ର ପଥରେ ବେଆଇନ ଅନୁପ୍ରବେଶ କୁ ରୋକିବା ପାଇଁ ଉପକୂଳ ବାସୀ ଅଧିକ ସଚେତନ ହୋଇ କାମ କରିବା ଆବଶ୍ୟକ । ସମୁଦ୍ର ଉପକୂଳରେ ରହୁଥିବା ଲୋକେ ଅନୁପ୍ରବେଶ କାରୀ ଙ୍କ ସଂପର୍କରେ ଜିଲ୍ଲା ପ୍ରଶାସନ ଓ ପୋଲିସ କୁ ଜଣାଇବା ଆବଶ୍ୟକ । ଇଂଚୁଡି ସରପଂଚ ରମଣୀ ରଂଜନ ମହାଳିକ କହିଲେ ଯେ, ସାମ୍ବାଦିକ ମାନଙ୍କ ଏହି ସଚେତନତା ମୂଳକ କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ । ବେଳାଭୂମି ସଫେଇ ଦ୍ୱାରା ଉପକୂଳ ର ପରିବେଶ ଭଲ ରହିବ ବୋଲି ସେ କହିଥିଲେ । ସଚେତନତା ଦ୍ୱାରା ଜନସାଧାରଣ ଅଧିକ କିଛି ଜାଣିବାକୁ ପାଇଲେ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ସାମ୍ବାଦିକ ଅନାମ ଚରଣ ପଣ୍ଡା, ଶିଶିର କୁମାର ଦାସ, ରାମ ନାରାୟଣ ଶତପଥି, ସୁରେଶ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ଗାଣ,ଅରୂପ କୁମାର ଦାସ, ସୋମନାଥ ସାହୁ, ରମାକାନ୍ତ ପଣ୍ଡା, କହ୍ନେଇ ଚରଣ ପ୍ରଧାନ, ଉତ୍କଳବନ୍ଧୁ ପଣ୍ଡା, ଶମ୍ଭୁନାଥ ନାୟକ, କୈଳାସ ଚନ୍ଦ୍ର ଦାସ, ବଳରାମ ଲେଙ୍କା, ସୁଶାନ୍ତ କୁମାର ବେହେରା, ଶ୍ରିଲେଖା ସାହୁ, ଜୟଦେବ ଆଚାର୍ଯ୍ୟ, ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବେଶ୍ୱର ଦାସ, ରାମଚନ୍ଦ୍ର ପ୍ରଧାନ, ଶିବପ୍ରସାଦ ଯାନା ପ୍ରମୁଖ ସଫେଇ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରି ସହଯୋଗ କରିଥିଲେ ।








ସମୟର ବିଳମ୍ବତା ଓ କାଳବୈଶାଖୀର ତାଣ୍ଡବ ଘଟଣାକୁ ନେଇ ଜୟଶ୍ରୀରାମ ଭକ୍ତବୃନ୍ଦ ଓ ଶ୍ରଦ୍ଧାଳୁୟ ହନ୍ତସନ୍ତ ହେବା ସହ ଲକ୍ଷାଧିକର କ୍ଷତି ସହିଥିବା ଜଣାପଡ଼ିଛି । ପ୍ରକାଶ ଯେ ୨୭ ତାରିଖ ଶ୍ରୀରାମ ନବମୀ ପରିପ୍ରେକ୍ଷୀରେ ଶ୍ରୀ ରାମ ଚେତନା ସଂଗଠନ ପକ୍ଷରୁ ଅପରାହ୍ନ ୫ଟାରେ ପରମିଟ୍ ପଡ଼ିବାରୁ ପଦଯାତ୍ରା ଶୋଭାଯାତ୍ରା ବାହାରିବା । ବିଭିନ୍ନ ଅଂଚଳରୁ ଆସିଥିବା ରାମ ଭକ୍ତମାନେ ଶୋଭାଯାତ୍ରୀ ଦେଖିବା ପାଇଁ ଅପେକ୍ଷା କରି ନିରାସ ହେବା ଶେଷରେ ଯାତ୍ରା ରାତି ୧୦ଟା ୪୦ମି.ରେ ଦାମୋଦରପୁର ଶ୍ୟାମସୁନ୍ଦର ହାଇସ୍କୁଲ ପାଖରେ ପହଂଚିବା ନେଇ କାଳବୈଖୀ ତାଣ୍ଡବ ଆରମ୍ଭ ହୋଇଥିଲା । ମାତ୍ର ୩୦ମି. ସମୟ ମଧ୍ୟରେ ଶୋଭାଯାତ୍ରା ଚିନ୍ଛତର ହୋଇଯାଇଥିବାବେଳେ ଗୁଡୁରିବଜାର ସଂଗଠନ ରାମ ମୂର୍ତ୍ତିକୁ ନେଇ ନିଜ ଗ୍ରାମକୁ ଫେରି ଯାଇଥିଲେ ଏବଂ ୨୮ ତାରିଖ ସନ୍ଧ୍ୟାରେ ପରମିଟ୍ ପଡ଼ିଆରୁ ଶ୍ରୀରାମ ମୂର୍ତ୍ତିକୁ ଏକ ଶୋଭାଯାତ୍ରରେ ବାଲିଘାଟ ନିଆଯାଇଥିଲା ।

# ଅଧାରାତିରେ ମାଡ଼ି ଆସିଲା କାଳ ବୈଶାଖୀ ଭାଙ୍ଗିଦେଲା ଶହ ଶହ ଘର ଦ୍ୱାର ବ୍ୟାପକ କ୍ଷୟକ୍ଷତି

ଖୁଂଟା(ନିପ୍ର) : ରାତିରେ ଖୁଂଟା ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣାସାହି ଗ୍ରାମପଂଚାୟତ ସମେତ, ବିଭିନ୍ନ ଅଂଚଳରେ କାଳ ବୈଶାଖୀ ରେ ଶତାଧିକ ଘର ଦ୍ୱାର ଭାଙ୍ଗି, ବ୍ୟାପକ କ୍ଷୟକ୍ଷତି ହୋଇଅଛି । ଲକ୍ଷ୍ମଣାସାହି ଗ୍ରାମର ଗଣେଶ୍ୱର ସିଂ, ରବିନ୍ଦ୍ର ସିଂ, ମାହାଲିବସା ଗ୍ରାମର ଦାମଦୋର ମାରାଣ୍ଡି, ଲକ୍ଷ୍ମୀଧର ସିଂ, ସତ୍ୟନାରାୟଣ ସିଂ, ରାମଜିତ ମାରାଣ୍ଡି, ସଞ୍ଜୟ ସିଂ, ଲବ ମାଝୀ, ଶିବ ହେମ୍ବ୍ରମ, ଗୋସାଇଁ ମାଙ୍କଡିଆଙ୍କ ଘର ଭାଙ୍ଗି ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ, କୁଶଗଡିଆ ଗ୍ରାମର ରାମ ଚନ୍ଦ୍ର ସରେନ, ସରଦାର ମୁର୍ମୁ, ସମବାରି ମାଝୀ, ଚାନ୍ଦରାୟ ମୁର୍ମୁ ଏବଂ ଖଣ୍ଡାବୁଢ଼ା ଗ୍ରାମର ଶାନ୍ତି ସିଂ ଙ୍କ ଘର ଦ୍ୱାର ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି । ରାତିରେ ଶୋଇବା ସମୟରେ କେହି କିଛି ବୁଝିପାରିଲେ ନାହିଁ ହଠାତ୍ ମାଡ଼ି ଆସିଲା କାଳବୈଶାଖୀ । କାନ୍ଥ ଭାଙ୍ଗିଲା, ଛପର ଉଡାଇ ନେଲା, ଆସବାପତ୍ର ଛିନ୍ ଛତର କଲା । ଖବର ପାଇ ଖୁଂଟା ବ୍ଲକ ପ୍ରଶାସନ ଓ ରାଜସ୍ୱ ବିଭାଗ ତରଫରୁ ସ୍ଥାନୀୟ ସରପ ଙ୍କ ସହିତ ଘର ଘର ବୁଲି କ୍ଷୟକ୍ଷତି ଆକଳନ କରାଯାଉଛି । ବିଡ଼ିଓ ଶ୍ରୀ ସତ୍ୟଜିତ ରାଉତ ଘଟଣା ସ୍ଥଳରେ ପହ ଶୁଖିଲା ଖାଦ୍ୟ ପଦାର୍ଥ ବ[ନ କରିଛନ୍ତି । ହାଇ ଆଲର୍ଟରେ ରହିବା ପାଇଁ ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜସ୍ୱ ବିଭାଗ ପକ୍ଷରୁ ପଲିଥିନ ଯୋଗାଇ ଦେବା ସହିତ ସହାୟତା ରାଶି ଯୋଗାଇ ଦେବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ବିଭିନ୍ନ ସ୍ଥାନରେ ଗଛ ପଡିଛି ଏବଂ ଡାଳ ଭାଙ୍ଗି ଯାଇଛି । ଖୁ[। ଅଗ୍ନିଶମ ବିଭାଗ ପକ୍ଷରୁ ମଧ୍ୟ ସେବା ଯୋଗାଇ ଦିଆଯାଇଛି । ବିଦ୍ୟୁତ ତାର ଛିଡି ଯାଉଛି । ଯାହା ଫଳରେ ବିଦ୍ୟୁତସେବା ବାଧାପ୍ରାପ୍ତ ହୋଇଛି ।କାଳ ବୈଶାଖୀରେ ପୀଡ଼ିତା ପରିବାର ଲୋକମାନଙ୍କୁ ଯୁଦ୍ଧ କାଳୀନଭିତିରେ ସରକାରୀ ସହାୟତା ଯୋଗାଇଦେବାକୁ ସବୁ ମହଲରୁ ଦାବୀ ହେଉଛି ।

# ‘ସାହିତ୍ୟ ମାସିକୀ’ କାର୍ଯ୍ୟକ୍ରମ ଅସାଧାରଣ ଉପଲବ୍ଧି ହିଁ ଭଲ ଗପର ଉତ୍ସବ



ଭୁବନେଶ୍ୱର: ସୃଷ୍ଟି ଗଳ୍ପମୟ । ଗୋଟିଏ ଅସାଧାରଣ ଉପଲବ୍ଧିରୁ ଗପ ଉତୁରି ଆସେ । ଚାରିପାଖର ଦୃଶ୍ୟ, କୋଳାହଳ ଓ ଚରିତ୍ରରୁ ଗପର ଉପାଦାନ ସଂଗ୍ରହ କରନ୍ତି ବୋଲି କଥାଶିଳ୍ପୀ ଡ. ଅଭୟ ବାରିକ ଉଲ୍ଲେଖ କରିଛନ୍ତି । ସ୍ଥାନୀୟ ଜୟଦେବ ଭବନରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ‘ସାହିତ୍ୟ ମାସିକୀ’ରେ ଯୋଗ ଦେଇ ‘ମୋ ସୃଜନ, ମୋ ଜୀବନ’ ଶୀର୍ଷକ ବକ୍ତବ୍ୟ ରଖି ଡ଼. ବାରିକ ତାଙ୍କ ଗଳ୍ପ ଲିଖନର ପୃଷ୍ଠଭୂମି ଓ କଥା ଯାତ୍ରା, ସ୍ମରଣୀୟ ଅତୀତ ଉପରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଡ଼. ବାରିକ ପ୍ରଶ୍ନର ଉତର ଦେଇଥିଲେ । ନିଶାକର ପଣ୍ଡା, ପ୍ରଦୀପ୍ତ ବାରିକ, ନନ୍ଦ କିଶୋର ବିଶ୍ୱାଳ, ପ୍ରିୟରଞ୍ଜନ ସାହୁ, ନାଟ୍ୟକାର ଫକୀର ସିଂହ, ବାସନ୍ତୀ ତ୍ରିପାଠୀ ଓ ଆଭାସ ବରାଳ ପ୍ରମୁଖ ବିଭିନ୍ନ ପ୍ରଶ୍ନ ପଚାରିଥିଲେ । କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ଆରମ୍ଭରେ ସ୍ୱାଗତ ସୂଚନା ଓ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲା ବେଳେ ଡା. ଜୀବନକୃଷ୍ଣ ମିଶ୍ର ବେଦ ପାଠ କରିଥିଲେ । ‘ଏ ମାସର କବି’ ଭାବରେ ଉପସ୍ଥିତ ରହି ଅଂଶୁମାନ ସାହୁ ସ୍ୱରଚିତ କବିତା ପାଠ କରିଥିଲେ । ପରେ ଅନୁଷ୍ଠିତ କବିତା ପାଠୋ- ତ୍ସବରେ ମଧୁମିତା ମିଶ୍ର ଓ ଶ୍ୟାମା- କିଙ୍କର ମହାନ୍ତିଙ୍କ ମିଳିତ ସଂଯୋଜନାରେ ବିଜୟ ମହାପାତ୍ର, ଅଲେଖ ରାଉତ, ବୀଣାପାଣି ମିଶ୍ର, ଶୈଳେନ୍ଦ୍ର ଜେନା, ପ୍ରମୋଦ ପ୍ରଧାନ, ଇତିଶ୍ରୀ ପତି, ଜ୍ଞାନରଞ୍ଜନ ନନ୍ଦ, ହିମାଂଶୁ ପଟ୍ଟନାୟକ, ପ୍ରକାଶ ସେଠୀ, ସୁବ୍ରତ ସେନାପତି, ଗୀତାଞ୍ଜଳି ଦଳାଇ, ଅଶୋକ ସିଂହ, ପ୍ରଦ୍ୟୁମ୍ନ ପଟ୍ଟନାୟକ, ଅଳକା ରାୟ, ଲକ୍ଷ୍ମୀଧର ଦାଶ, ମିହିରକାନ୍ତି ଦାଶ, ସୁଧା ପଟ୍ଟନାୟକ, ସବିତା ଶତପଥୀ, ନିରୁପମା ରାୟ, ଗୁରୁକଲ୍ୟାଣ ଦାସ, ସୁରେଶ କୁମାର ମାଝୀ, ବିରଂଚି ଶତପଥୀ ଓ ସୁଷମା ଦାସ ପ୍ରମୁଖ ଲେଖା ପାଠ କରିଥିଲେ । ଶେଷରେ ଉପସଭାପତି ବିଭୁତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡାକ୍ତର ସଞ୍ଜୀବ କୁମାର ଓତା ସମ୍ମାନିତ




କେନ୍ଦୁଝର(ନିପ୍ର): କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ଦାନ୍ତ ମହାବିଦ୍ୟାଳୟ, କିଟ୍ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ତରଫରୁ କିଡସ୍ ପ୍ରେକ୍ଷାଳୟରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ କେନ୍ଦୁଝରର ସୁନାମଧନ୍ୟ ଦନ୍ତ ରୋଗ ବିଶେଷଜ୍ଞ ଡାକ୍ତର ସଞ୍ଜୀବ କୁମାର ଓତାଙ୍କୁ ତାଙ୍କର ସମାଜସେବା ପାଇଁ କିଟ୍ ର ପ୍ରତିଷ୍ଠାତା ଡ଼ ଅଚ୍ୟୁତ ସାମନ୍ତଙ୍କ ପରାମର୍ଶ କ୍ରମେ କିଡସ୍ ର ଡାଇରେକ୍ଟର ଡାକ୍ତର ଯୁଗଜ୍ୟୋତି ପାଠି ଓ ପ୍ରିନ୍ସିପାଲ ଡାକ୍ତର ସଙ୍ଗମେସ ଏନ.ସି. ଉତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ବରିଷ୍ଠ ଦାନ୍ତ ରୋଗ ବିଶେଷଜ୍ଞ ଡାକ୍ତର ସଞ୍ଜୀବ କୁମାର ଓତା ଅସହାୟ ଶିଶୁ ଏବଂ ଦିବ୍ୟାଙ୍ଗ ଶିଶୁ ମାନଙ୍କୁ ଓଡ଼ିଶା ସାରା ନିଜର ପ୍ରଚେଷ୍ଟା ଫଳରେ ନିୟମିତ ଭାବେ ସେମାନଙ୍କର ସେବା ଓ ସାହାଯ୍ୟ କରି ଆସୁଛନ୍ତି । ଏହିଭଳି ନିଃସ୍ୱାର୍ଥପର ସେବା ମନୋଭାବ ପାଇଁ ଡାକ୍ତର ଓତାଙ୍କୁ ସମ୍ମାନିତ କରାଯାଇଛି । ଏହି ସମ୍ବର୍ଦ୍ଧନା ଉତ୍ସବରେ ଓଡ଼ିଶାର ବିଭିନ୍ନ ଡ଼ାକ୍ତରୀ ମହାବିଦ୍ୟାଳୟରୁ ଶତାଧିକ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ । ଏହି ଅବସରରେ ଡାକ୍ତର ଓତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ୬ଦିନଧରି ପୂଜାର୍ଚ୍ଚନା ସହ ସଭା ସମ୍ବର୍ଦ୍ଧନାର ମଜା ନେଲେ ଦର୍ଶକ



ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସୁଣ୍ଡିରା ପଂଚାୟତ ଅଧୀନ ଅଣ୍ଡାଇଲୋ ଗ୍ରାମର ମଧୁଗଣେଷ ପୂଜା ୨୦୩ ବର୍ଷରେ ପଦାର୍ପଣ କରିଥିବା ବେଳେ ୬ଦିନ ଧରି ଅଗ୍ରପୂଜ୍ୟଙ୍କ ପୂଜାର୍ଚ୍ଚନା କରାଯିବା ପରେ ଶୁକ୍ରବାର ଅନ୍ତିମ ସଂଧ୍ୟାରେ ମଧୁଗଣେଷ ମହୋତ୍ସବକୁ ଗ୍ରାମବାସୀ ଏବଂ ଦର୍ଶକ ମାନେ ମନଭରି ଉପଭୋଗ କରିଛନ୍ତି । ୨୨ତାରିଖ ଦିନ ଗଜାନନଙ୍କ ଆଗମନ ପରିପ୍ରେକ୍ଷୀରେ ମନ୍ଦରଧର ନାୟକ, ନିରଞ୍ଜନ ବିଶ୍ୱାଳ, ପରୁଷୋତମ ଜେନା, ଜୟଦେବ ବିଶ୍ୱାଳ, ସଦାନନ୍ଦ ନାୟକ, ବରେନ୍ଦ୍ର ପୃଷ୍ଟି ଓ ଭରତ ଚନ୍ଦ୍ର ପୃଷ୍ଟିଙ୍କ ଦ୍ୱାରା କଳସ ଅଣାଯାଇ ଥିଲା । ୨୭ତାରିଖ ଉଦଯାପନୀ ସଂଧ୍ୟାରେ ଆୟୋଜିତ ମଧୁଗଣେଷ ବାର୍ଷିକ ମହୋତ୍ସବରେ କମିଟି ସଭାପତି ମାନସ କୁମାର ଭଞ୍ଜ ପୌରହିତ୍ୟ କରିଥିଲେ । ଲାୟନ୍ସ କ୍ଲବ ସଭାପତି ହିମାଂଶୁ ଦାସ, ଯାତ୍ରା ଜଗତର ଚର୍ଚ୍ଚିତ ଖଳନାୟକ ଦାମୋଦର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଅକ୍ଷତ କୁମାର ଜେନା, ଶିକ୍ଷୟତ୍ରୀ ସୁଲୋଚନା ଭୋଳ, ସରପଂଚ ମମତାରାଣୀ ପରିଡା, ସମିତିସଭ୍ୟ ନଳିନୀ ସାହୁ ଖଇରା ଥାନା ଏଏସଆଇ ଗୌରହରୀ ବୁଗୁଡାଇ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ସଫଳ ଚାଷୀ ଦିଲ୍ଲିପ କୁମାର ପାଲ, ସଫଳ ବ୍ୟବସାୟୀ ରବିନ୍ଦ୍ର କୁମାର ବିଶ୍ୱାଳ, ମା ତାରିଣୀ ଏସଏଚଜି ଗ୍ରୁପ ତଥା ଖଇରା ଅଂଚଳର ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମସ୍ତ ଅଣ୍ଡାଇଲୋ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ତୃତୀୟ ଦିବସର ଭବ୍ୟ 'ବୈତରଣୀ ମହାଆଳତି'

ଯାଜପୁର(ନିପ୍ର): 'ଯଯାତି-୨୦୨୬' ଏବଂ 'ସୁଭଦ୍ରା ଶକ୍ତି ଓ ପଲ୍ଲିଶ୍ରୀ ମେଳା'ର ଶୁଭାରମ୍ଭ ପୂର୍ବରୁ ପବିତ୍ର ପୁଣ୍ୟତୋୟା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ତୃତୀୟ ଦିବସର ଭବ୍ୟ 'ବୈତରଣୀ ମହାଆଳତି' ଅନୁଷ୍ଠିତ ହୋଇଯାଇଛି । ବୈଦିକ ମନ୍ତ୍ରୋଚାରଣ ମଧ୍ୟରେ ବୈତରଣୀ ତଟ ଏକ ଅପୂର୍ବ ଆଧ୍ୟାତ୍ମିକ ଶୋଭା ଧାରଣ କରିବା ସହ ଜିଲ୍ଲାର ପ୍ରାଚୀନ ଗୌରବକୁ ପୁଣି ଥରେ ପ୍ରତିଫଳିତ କରିଛି । ଏହି ଅବସରରେ ସ୍ଥାନୀୟ ଗଞ୍ଜେଶ୍ୱର୍ ଶିବ ମନ୍ଦିରରୁ ଏକ ବିଶାଳ ସଂକୀର୍ତ୍ତନ ଶୋଭାଯାତ୍ରା ବାହାରିଥିଲା । ଏହି ଅବସରରେ ପାରମ୍ପରିକ ଘୋଡ଼ା ନାଚ, ମୃଦଙ୍ଗର ତାଳ ଏବଂ ଘଂଟ ଧ୍ୱନିରେ ସମଗ୍ର ପରିବେଶ ଉତ୍ସବ ମୁଖର ହୋଇଉଠିଥିଲା । ମାଆ ବୈତରଣୀ ନଦୀ ନିକଟରେ ଶାସ୍ତ୍ରୀୟ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇ ଜିଲ୍ଲାର ଶାନ୍ତି, ସମୃଦ୍ଧି ଓ ସାମଗ୍ରିକ ମଙ୍ଗଳ ପାଇଁ ପ୍ରାର୍ଥନା କରାଯାଇଥିଲା । ଏହି ଭବ୍ୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅମ୍ବର କୁମାର କର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପ-ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବହୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ମହିଳାମାନେ ଯୋଗ ଦେଇଥିଲେ ।

# ବିଶାଳ ଶ୍ରୀରାମ ସଚେତନତା ଶୋଭାଯାତ୍ରା



ଯାଜପୁର(ନିପ୍ର): ପବିତ୍ର ରାମ ନବମୀ ଅବସରରେ ଶ୍ରୀରାମ ଯଜ୍ଞ ସମିତି, ଯାଜପୁର ନେତୃତ୍ୱରେ ଜିଲ୍ଲା ସଦର ମହକୁମା ଠାରେ ଏକ ବିଶାଳ ଶ୍ରୀରାମ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଯାଜପୁର ବ୍ଲକ ମୋଟରଙ୍ଗାପାଳ ଗ୍ରାମସ୍ଥିତ ହନୁମାନ ମନ୍ଦିର ଠାରୁ ଏହି ଶୋଭାଯାତ୍ରା ବାହାରି ଯାଜପୁର ସହର ପରିକ୍ରମା କରି ପୁନଃ ହନୁମାନ ମନ୍ଦିରରେ ଉଦଯାପିତ ହୋଇଥିଲା । ଜୟ ଶ୍ରୀରାମ ଧ୍ୱନିରେ ସାରା ସହର ପ୍ରକମ୍ପିତ ହୋଇ ଉଠିଥିଲା । ଭାଗ୍ୱା ଧ୍ୱଜାରେ ପବିତ୍ର ବିରଜା ମାଟି ଗଇରିକମୟ ତଥା ରାମମୟ ହୋଇଉଠିଥିଲା । ଏହି ଶୋଭାଯାତ୍ରାରେ ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଜିଲା ବିଜେପି ସଭାପତି ଦେବଯାନୀ ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ଗୌତମ ରାୟ, ଜିଲା ସମ୍ପାଦକ ତପନ କୁମାର ନନ୍ଦଙ୍କ ସମେତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଦୁର୍ଗାବାହିନୀ ଓ ଭାରତୀୟ ଜନତା ପାର୍ଟିର ବହୁ କାର୍ଯ୍ୟକର୍ତା ଓ କର୍ମୀ ସାମିଲ ହୋଇଥିଲେ । ହିନ୍ଦୁ ମାନଙ୍କ ଭିତରେ ଶ୍ରୀରାମଙ୍କ ପ୍ରତି ଶ୍ରଦ୍ଧା ଓ ପ୍ରତ୍ୟେକଙ୍କ ମନରେ ଦେଶପ୍ରିତି ଜାଗ୍ରତ କରିବା ଏହି ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ନେତୃତ୍ୱ ମାନେ ମତବ୍ୟକ୍ତ କରିଥିଲେ । ସହରର ପ୍ରତ୍ୟେକ ପୂଜା କମିଟି ପକ୍ଷରୁ ଏହି ଶୋଭାଯାତ୍ରାକୁ ସ୍ୱାଗତ କରାଯାଇଥିଲା । ଶାନ୍ତି ଶୃଙ୍ଖଳା ଭାବେ ଶୋଭାଯାତ୍ରା ଅନୁଷ୍ଠିତ କରିବାକୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା ।

## ବାର ଆସୋସିସନରେ କୁଞ୍ଜବିହାରୀ ଦାସ ଓ ସମ୍ପାଦକ ରାଜେଶ କୁମାର ପାତ୍ର ନିର୍ବାଚିତ

ଜଳେଶ୍ୱର(ନିପ୍ର): ଜଳେଶ୍ୱର ବାର ଆସୋସିଏସନ ର ନିର୍ବାଚନରେ କୁଞ୍ଜବିହାରୀ ଦାସ ନିର୍ବାଚିତ ହୋଇଛନ୍ତି । କୁଞ୍ଜବିହାରୀ ଲଗାତାର ଚତୁର୍ଥ ଥର ପାଇଁ ନିର୍ବାଚିତ ହୋଇଛନ୍ତି । ସମ୍ପାଦକ ଭାବେ ରାଜେଶ ପାତ୍ର ଓ କୋଷାଧକ୍ଷ ଭାବେ ବିନୋଦ ଗିରି ନିର୍ବାଚିତ ହୋଇଛନ୍ତି । ପୂର୍ବରୁ ସାତ ଜଣଙ୍କୁ ଅନ୍ୟାନ୍ୟ ବିଭାଗ ରେ ବିନା ନିର୍ବାଚନ ରେ ସ୍ଥିରକୃତ କରାଯାଇଥିଲା ।

# ୪ଜଣଙ୍କୁ ଦିଆଯିବ 'ସେବକଶ୍ରୀ' ସମ୍ମାନ

ବାରିପଦା(ନିପ୍ର): ସଦ୍‌ଭାବନା ସମିତି, ବାରିପଦା ପକ୍ଷରୁ ଆସନ୍ତା ଅପ୍ରେଲ ୧ତାରିଖ ବୁଧବାର ଅପରାହ୍ନ ୫ ଘଟିକାରେ ଜିଲ୍ଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷରେ ୪୭ତମ ମାନବ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି । ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ବିଶିଷ୍ଟ ଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ସାଂସଦ ବୀରଭଦ୍ର ସିଂ ଉପସ୍ଥିତ ରହିବାକୁ ସମ୍ମତି ଦେଇଛନ୍ତି । ସେହିପରି ମୁଖ୍ୟବକ୍ତା ଭାବେ ଆର୍ଯ୍ୟସମାଜର ଆଚାର୍ଯ୍ୟଦେବ ବିଜୟଜୀ ଯୋଗଦେବେ । ସଦ୍‌ଭାବନା ସମିତିର ପ୍ରତିଷ୍ଠାତା ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ସଂଯୋଜନାରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସମିତିର କାର୍ଯ୍ୟକାରୀ ସଭାପତି ନେତ୍ରାନନ୍ଦ ମଲ୍ଲିକ ପୌରହିତ୍ୟ କରିବେ । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲାର ଶ୍ରେଷ୍ଠ ପୁଲିସ୍ କନେଷ୍ଟବଳ ଭାବେ ପରମାନନ୍ଦ ମହାନ୍ତ, ଶ୍ରେଷ୍ଠ ଆଗ୍ନିକ ଭାବେ ପ୍ରଭାସ କୁମାର ଜେନା, ଶ୍ରେଷ୍ଠ ନର୍ସିଂ ଅଫିସର ଭାବେ ପିଆରଏମ ମେଡିକାଲର ଦେବାଶିଷ ବେହେରା ଓ ପୌରପରିଷଦର ଶ୍ରେଷ୍ଠ ସଫେଇ କର୍ମଚାରୀ ଭାବେ ହରେନ୍ଦ୍ର ମୁଖିଙ୍କୁ ପରମ୍ପରା ଅନୁସାରେ 'ସେବକଶ୍ରୀ' ଉପାଧି ପ୍ରଦାନ କରାଯିବ । ଏହା ସହ ଜିଲ୍ଲାର ବିଭିନ୍ନ ଆଧ୍ୟାତ୍ମିକ ସଂଗଠନ ଯଥା; ବିବେକାନନ୍ଦ କେନ୍ଦ୍ର, ସତ୍ୟସାଇ ସେବା ସଙ୍ଗଠନ, ପ୍ରଜାପିତା ବ୍ରହ୍ମା କୁମାରୀ, ଅନୁକୁଳଚନ୍ଦ୍ର, ଗାୟତ୍ରୀ ପରିବାର, ଶିବାନନ୍ଦ, ଖାଲସା ପନ୍ଥ, ଇସ୍‌ଲାମ୍ ଶାଖା ଆଦିଙ୍କୁ ଅଭ୍ୟର୍ଥନା ଜଣାଯିବ । ସଦ୍‌ଭାବନା ସମିତିର ପରିବାର ସମସ୍ତ ଧର୍ମପ୍ରାଣ ନାଗରିକ, ସମାଜସେବୀ ଓ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱଙ୍କୁ ଏହି ସମ୍ମିଳନୀରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ କରିଛି । ଏହି ଅନୁଷ୍ଠାନ ଜିଲ୍ଲାରେ ଧର୍ମୀୟ ସଦ୍‌ଭାବନା ଓ ସମ୍ପ୍ରିତିର ବାତାବରଣ ସୃଷ୍ଟି କରିବାରେ ଦୀର୍ଘଦିନ ଧରି ପ୍ରୟାସ ଜାରିରଖିଛି ।

# କେନ୍ଦୁଝରରେ ଦୁଇଦିନିଆ 'ମଡେଲ ଇଂଟିଗ୍ରେଟେଡ୍ ମେଡିକାଲ କ୍ୟାମ୍ପ'

କେନ୍ଦୁଝର(ନିପ୍ର): ଭାରତୀୟ ସେନାର ବାଲେଶ୍ୱର ଷ୍ଟେସନ ମୁଖ୍ୟାଳୟ (ଚାନ୍ଦିପୁର-ଅନ-ସି) ପକ୍ଷରୁ ଆସନ୍ତା ମାର୍ଚ୍ଚ ୩୦ ଓ ୩୧ ତାରିଖରେ କେନ୍ଦୁଝର ମୁନିସିପାଲିଟି ଅଡିଟୋରିୟମ ଠାରେ ଏକ ବିଶାଳ 'ମଡେଲ ଇଂଟିଗ୍ରେଟେଡ୍ ମେଡିକାଲ କ୍ୟାମ୍ପ' ଆୟୋଜନ କରା ଯାଉଛି । ଓଡ଼ିଶା ଏବଂ ଛତିଶଗଡ ସବ୍-ଏରିଆର ତତ୍ତ୍ୱାବଧାନରେ, କେନ୍ଦୁଝର ଜିଲ୍ଲା ପ୍ରଶାସନ ଏବଂ କେନ୍ଦୁଝର ଜିଲ୍ଲା ଭୂତପୂର୍ବ ସୈନିକ ସଂଘ ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମୁଖ୍ୟ ଉଦ୍ଦେଶ୍ୟ ଓ ହିତାଧିକାରୀଏହି ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ମାଧ୍ୟମରେ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ପ୍ରାୟ ୩୦୦୦ ରୁ ଅଧିକ ଭୂତପୂର୍ବ ସୈନିକ, ବୀର ନାରୀ, ବୀର ମାତା, ଅକ୍ଷମ ସୈନିକ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ସମସ୍ତ ସୁବିଧା ଗୋଟିଏ ସ୍ଥାନରେ ଯୋଗାଇ ଦିଆଯିବ । ବିଶେଷ କରି ଦୂରଦୂରାନ୍ତରେ ରହୁଥିବା ସେନା ପରିବାର ଯେଉଁମାନେ ଉପଯୁକ୍ତ ଚିକିତ୍ସା ଓ ସରକାରୀ ସୁବିଧାରୁ ବଂଚିତ ହେଉଛନ୍ତି, ସେମାନଙ୍କ ନିକଟରେ ସେବା ପହଂଚାଇବା ଏହାର ମୂଳ ଲକ୍ଷ୍ୟ । ଏହି ଶିବିରରେ ବହୁବିଧ ସେବା ଉପଲବ୍ଧ ହେବ, ବିଶେଷଜ୍ଞଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା, ଚକ୍ଷୁ ଓ ଦନ୍ତ ଚିକିତ୍ସା । ବୌଦ୍ଧିକ ଅକ୍ଷମତା ପରୀକ୍ଷା ଏବଂ ତତ୍କାଳ 'ୟୁଡିଆଇ' ଡି କାର୍ଡ ପ୍ରଦାନ । ୭୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ 'ଆୟୁଷ୍ମାନ ବୟ ବନ୍ଦନା ଯୋଜନା' କାର୍ଡ ପ୍ରଦାନ । 'ସ୍ୱର୍ଶ' ମାଧ୍ୟମରେ ପେନସନ ସମ୍ବନ୍ଧୀୟ ଅଭିଯୋଗର ସମାଧାନ । 'ଇସିଏଚଏସ' ପଞ୍ଜିକରଣ, 'ସିଏସଡି' ସୁବିଧା, ଆଇନଗତ ପରାମର୍ଶ ଏବଂ ନିଯୁକ୍ତି ସହାୟତା । ସାଧାରଣ ଜନତାଙ୍କ ପାଇଁ ସୁବିଧାସେନା ପକ୍ଷରୁ ସୂଚନା ଦିଆଯାଇଛି ଯେ, ଜିଲ୍ଲା ପ୍ରଶାସନର ସହଯୋଗରେ ସ୍ଥାନୀୟ ସାଧାରଣ ଜନତାଙ୍କୁ ମଧ୍ୟ କିଛି ସୀମିତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ, ଯାହା ଦ୍ୱାରା ସାମରିକ ଓ ବେସାମରିକ ସମ୍ପର୍କ ଅଧିକ ସୁଦୃଢ଼ ହେବ । ଏହି ଅବସରରେ ଛତିଶଗଡ ଓ ଓଡ଼ିଶା ସବ୍-ଏରିଆ କମାଣ୍ଡର ବ୍ରିଗେଡିୟର ଟି.ଏସ୍. ବାଓ୍ୱା କହିଛନ୍ତି ଯେ, 'କେନ୍ଦୁଝରରେ ଅନୁଷ୍ଠିତ ଏହି ସମନ୍ୱିତ ଚିକିତ୍ସା ଶିବିର କେବଳ ଏକ ସେବା ମୂଳକ କାର୍ଯ୍ୟ ନୁହେଁ, ବରଂ ଏହା ଏକ ପ୍ରତିଶ୍ରୁତି । ଆମର ଲକ୍ଷ୍ୟ ହେଉଛି, ଭୌଗୋଳିକ ଦୂରତା କିମ୍ବା ବ୍ୟବସ୍ଥାରେ ଥିବା ସମସ୍ୟା ଯୋଗୁଁ ଯେପରି କୌଣସି ପୂର୍ବତନ ସୈନିକ କିମ୍ବା ତାଙ୍କ ପରିବାର ସୁବିଧାରୁ ବଂଚିତ ନ ହୁଅନ୍ତି । ଦେଶ ପାଇଁ ନିଃସ୍ୱାର୍ଥପର ଭାବେ ସେବା କରିଥିବା ବ୍ୟକ୍ତିମାନଙ୍କୁ ସମ୍ମାନ ଦେବା ଏବଂ ସେମାନଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବା ଆମର ମୁଖ୍ୟ ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମ ଦ୍ୱାରା ସେନା, ଜିଲ୍ଲା ପ୍ରଶାସନ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସମ୍ପର୍କ ଆହୁରି ମଜବୁତ ହେବ' । ଏହି ଶିବିରରେ ସମସ୍ତ ପୂର୍ବତନ ସୈନିକ ଓ ସେମାନଙ୍କ ପରିବାର ବର୍ଗ ଯୋଗ ଦେଇ ଏହାର ଲାଭ ଉଠାଇବାକୁ ଅନୁରୋଧ କରାଯାଇଛି ।

# ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



ନୟାଗଡ଼(ନିପ୍ର): ନୟାଗଡ଼ ଚିନିକଳ ମିଳିତ କ୍ରିୟାନୁଷ୍ଠାନ କମିଟି ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଚିନି କାରଖାନାଲଗା ନିରୂପଣ ସଂପର୍କରେ ଆଲୋଚନା କରିଛି । ପୁରୁଣା ଚିନିକଳ ନିକଟ ସାନହାମରା ମୌଜା ଠାରେ ଚିହ୍ନଟ କରାଯାଇଥିବା ଜମିକୁ ପ୍ରାଧାନ୍ୟ ଦେବାକୁ କମିଟି ପକ୍ଷରୁ ଦାବି କରାଯାଇଛି । ପୂର୍ବରୁ ବାକି ଥିବା ଚାଷୀ ଓ ଚିନିକଳ ଶ୍ରମିକ ମାନଙ୍କ ବକେୟା ଟଙ୍କା କିପରି ପରିଶୋଧ କରା ?ଯିବ ଏବଂ ଆଗାମୀ ଦିନରେ ଆଖୁଚାଷ ବୃଦ୍ଧି ପାଇଁ ଚାଷୀମାନଙ୍କୁ ପ୍ରଶାସନ କିପରି ପ୍ରୋତ୍ସାହନ ଯୋଗାଇ ଦେବ ତା ଉପରେ ଆଲୋଚନା କରିଛନ୍ତି । ସୂଚନାରୁ ପ୍ରକାଶ, ବିଗତ ଦିନରେ ଜିଲ୍ଲାରେ ପ୍ରାୟ ୭ହଜାର ହେକ୍ଟର ଜମିରେ ଆଖୁ ଚାଷ କରାଯାଇଥିଲା । ଚିନି କାରଖାନା ବନ୍ଦ ହୋଇ ଯିବାକୁ ଚାଷୀମାନେ ଆଖୁ ବିକ୍ରିକରି ନପାରି ଶାଗମାଛ ଦରରେ ବାହାର ଚିନିକାରଖାନାକୁ ଆଖୁ ବିକ୍ରି କରିଥିଲେ । ଫଳରେ ଆଖୁ ଚାଷୀ ବହୁ କ୍ଷତି ସହି ଧୀରେ ଧୀରେ ଆଖୁ ଚାଷରୁ ମୁହଁ ବୁଲାଇଦେଲେ । ଏବେଜିଲ୍ଲାରେ ମାତ୍ର ଦୁଇ ଶହ ହେକ୍ଟର ଜମିରେ ଆଖୁ ଚାଷ କରାଯାଉଥିବା କୁହାଯାଉଛି । ଚାଷୀମାନେ ପୁଣି କିପରି ଆଖୁ ଚାଷ ପ୍ରତି ମନବଳାଇବେ ସେ ଦିଗରେ ଜିଲ୍ଲା ପ୍ରଶାସନ ପଦକ୍ଷପ ନେବାକୁ କମିଟି ପକ୍ଷରୁ ଦାବି କରାଯାଇଛି । ତେବେ, ଚିନି କାରଖାନା ବନ୍ଦ ହେବା ପରେ ଚାଷୀମାନେ କାରଖାନାକୁ ଦେଇଥିବା ଆଖୁରବକେୟା ଅର୍ଥ ଆଜି ପର୍ଯ୍ୟନ୍ତ ପାଇନାହାନ୍ତି । ପୁରୁଣା କାରଖାନାରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀମାନେ ଅର୍ଥ ନପାଇଁ ଦୁଃଖ କଷ୍ଟରେ ସେମାନଙ୍କ ଜୀବନ ଅତିବାହିତ କରୁଛନ୍ତି । ସେମାନଙ୍କ ପରିବାର ପ୍ରତି ଦୃଷ୍ଟି ଦିଆଯାଇ ସେମାନଙ୍କ ବକେୟା ଅର୍ଥ ମଧ୍ୟ ସରକାର ପ୍ରଦାନ କରିବାକୁ ଦାବି କରାଯାଇଛି । କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରଯାଇ ଖୁବ୍ ଶୀଘ୍ର ଦାବିଗୁଡ଼ିକ ପୂରଣ କରାଯିବାକୁ ଅନୁରୋଧ କରାଯାଇଛି । କମିଟି ସଭାପତି ମନୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆବାହକ ସନ୍ତୋଷ କୁମାର ପ୍ରଧାନ, କୋଷାଧ୍ୟକ୍ଷ ବୈକୁଣ୍ଠନାଥ ରାଉତ, ସଂପାଦିକା ଲଳିତା କୁମାରୀ ଦାସ, ଶ୍ରମିକ ସଂଗଠକ ସଭାପତି ଲକ୍ଷ୍ମୀଧର ସାହୁ, ସଭ୍ୟ କାଳୁ ଦଳ ବେହେରା, ରବୀନ୍ଦ୍ର ମହାରଣା, ଅରୁଣ କୁମାର ସାହୁ, ସୂର୍ଯ୍ୟମଣି ମହାରିଙ୍କ ସମେତ ବନ୍ଧୁ ସଭ୍ୟ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ ।

# କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି



ଖଇରା(ନିପ୍ର): ଗୁରୁବାର ରାତିରେ ପ୍ରବଳ ଝଡ ବର୍ଷା ଯୋଗୁଁ ବାଲେଶ୍ୱର ଜିଲା ଖଇରା ବ୍ଲକ ର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବଡନୁଆଗାଁ ପଂଚାୟତ ଅଧୀନ ବାଘୁଆ ଗ୍ରାମରେ ଏହି ଝଡ ପ୍ରଭାବରେ ରମାକାନ୍ତ ପଣ୍ଡାଙ୍କର ଛତୁ ଘର ସହ ପରିବା ଚାଷ ପାଇଁ ନିର୍ମିତ ଛାୟାଗୃହ ଭାଙ୍ଗି ନଷ୍ଟ ହୋଇ ଯାଇଛି । ସେହିଭଳି ବଙ୍କିତିରା ଗ୍ରାମର ଜଗବନ୍ଧୁ ସାହୁଙ୍କ କଦଳୀ ଚାଷ ନଷ୍ଟ ହୋଇ ଯାଇଥିବା ବେଳେ ବାଘୁଆ ଗ୍ରାମର ଅନନ୍ତ ନନ୍ଦ ଓ ଗଜେନ୍ଦ୍ର ବେହେରା ଘର ଛପର ନଷ୍ଟ ହୋଇଛି । ଚାଷୀ ମାନେ କ୍ଷତିପୁରଣ ପାଇଁ ଉଦ୍ୟାନବିଭାଗ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି । ଏହାଛଡା ପତିରାଜପୁର ଓ ସଇଁ ଗ୍ରାମରେ ମଧ୍ୟ ପରିବା ଚାଷ ନଷ୍ଟ ହୋଇଛି ।











# ସହିଦ ଲକ୍ଷ୍ମଣ ନାୟକ

ମହାପ୍ରୟାଣ ଦିବସ



◆ ଡ଼ଃ.ଅରୁନ୍ଧତୀ ଦେବୀ

ମାଲକାନାଗିରି ଅନ୍ତର୍ଗତ ତେନ୍ତୁଲିଗୁମ୍ମା ଗ୍ରାମରେ ୧୮୯୯ରେ ଜନ୍ମ ହୋଇଥିଲେ ସହିଦ ଲକ୍ଷ୍ମଣ ନାୟକ । ଶୈଶବରେ ବିଲରେ କାମ କରିବା ଓ ଗାଈ ଚରାଇବା ଭଳି କାର୍ଯ୍ୟରେ ସେ ନିୟୋଜିତ ଥିଲେ । ପରେ ତାଙ୍କ ପିତା ପଦଲାମ ନାୟକ, ତାଙ୍କୁ ଅକ୍ଷର ଲେଖା ଶିଖାଇଥିଲେ । ଫଳରେ ସେ ନିଜ ନାମ ଲେଖିପାରୁଥିଲେ ଏବଂ ବହି ପତ୍ର ପଢ଼ିପାରୁଥିଲେ । ବ୍ରିଟିଶ ସରକାରର ଦମନ ନୀତି ବିରୋଧରେ ପ୍ରତିବାଦ କରିବା ପାଇଁ ଲକ୍ଷ୍ମଣ, ଗାନ୍ଧୀଙ୍କ ଆଦର୍ଶ ଦ୍ୱାରା ନିଜକୁ ପରିଚାଳିତ କରିଥିଲେ । ଘୁମୁସରର ଜନପ୍ରିୟ ନେତା ନୀଳକଣ୍ଠ ପାତ୍ରଙ୍କ ସଂସ୍ପର୍ଶରେ ଆସି ସେ କଂଗ୍ରେସରେ ଯୋଗ ଦେଇଥିଲେ । ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗଦେଇ ନଅ ମାସ ସଶ୍ରମ କାରାଦଣ୍ଡ ଭୋଗିଥିଲେ । ମୁକ୍ତ ହେବା ପରେ, ଭାରତ ଛାଡ଼ ଆନ୍ଦୋଳନରେ ଯୋଗ ଦେଇଥିଲେ । କଂଗ୍ରେସର ନୀତି ଓ ଆଦର୍ଶ ଶିକ୍ଷା କରିଥିଲେ । କଂଗ୍ରେସ ଦ୍ୱାରା ଆୟୋଜିତ ସଭାସମିତିରେ ଯୋଗ ଦେବା ସହ ଗାଁ ଗାଁ ବୁଲି ଗାନ୍ଧୀଙ୍କ ଅହିଂସା ବାର୍ତ୍ତା ପ୍ରଚାର କରିଥିଲେ । ୧୯୪୨ର ଅଗଷ୍ଟ ବିପ୍ଲବ ଥିଲା ତାଙ୍କ ସଂଗ୍ରାମୀ ଜୀବନର ସବୁଠାରୁ ବଡ଼ ଆହ୍ୱାନ । ସେହି ବର୍ଷ ଅଗଷ୍ଟ ୨୧ରେ ଲକ୍ଷ୍ମଣଙ୍କ ନେତୃତ୍ୱରେ ଶତାଧିକ ସ୍ୱାଧୀନତା ସଂଗ୍ରାମୀ ମାଥିଲି ହାଟରେ ଏକତ୍ର ହୋଇ ବିକ୍ଷୋଭ କରିଥିଲେ । ପୁଲିସର ଲାଠି ଓ ଗୁଳି ଚାଳନା ଦ୍ୱାରା ଲକ୍ଷ୍ମଣ ଆହତ ହୋଇ, ବହୁ କଷ୍ଟରେ ଚାଲିଚାଲି ଜୟପୁରସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ପହଂଚିଥିଲେ । ସେ ଜୀବିତ ଥିବା ପୁଲିସ୍ ଜାଣିବା ପରେ ତାଙ୍କୁ ଗିରଫ କରି କୋରାପୁଟ ଜେଲରେ ରଖିଥିଲା । ବିଚାର ପରେ ୧୯୪୩ ମାର୍ଚ୍ଚ ୨୯ରେ ବ୍ରହ୍ମପୁର ଜେଲରେ ଲକ୍ଷ୍ମଣଙ୍କୁ ଫାଶୀ ଖୁଂଟରେ ଝୁଲାଇ ଦିଆଯାଇଥିଲା ।

*ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର: ୯୯୩୭୧୭୨୮୧୦*

# ସ୍ୱାଧୀନ ଭାରତର ତାରା-ଲକ୍ଷ୍ମଣ ନାୟକ

◆ ଅକ୍ଷୟ କୁମାର ରାଉତ

ପୂଣ୍ୟ ଭୂମି ଭାରତବର୍ଷ ବହୁ ପ୍ରାଚୀନ କାଳରୁ ନିଜର ଜ୍ଞାନ-ବିଜ୍ଞାନ, ସଂସ୍କୃତି, ସଭ୍ୟତା, ଧର୍ମ-କର୍ମ ଓ ଦର୍ଶନ ପାଇଁ ପୃଥିବୀରେ ଅର୍ଜନ କରିଛି ସୁଖ୍ୟାତି । ଏହି ଭୂମର ମୂଳରେ ରହିଛି ଯୋଗଜନ୍ମା, ମହାମାନବ, ମହାପୁରୁଷ ଓ ମନୀଷୀମାନଙ୍କର ମହତ୍ ଅବଦାନ । ସାଂପ୍ରତିକ ପୃଥିବୀରେ ସ୍ୱାଧୀନ ଭାରତର ଏକ ସ୍ୱତନ୍ତ୍ର ସ୍ଥିତି ଓ ମର୍ଯ୍ୟାଦା ରହିଛି, ମାତ୍ର ସ୍ୱାଧୀନତା ପ୍ରାପ୍ତିର ପୂର୍ବ ସମୟ ଥିଲା ଭାରତ ପାଇଁ ଦୁର୍ବିସହ ଦୁଃଖଦୁର୍ଦ୍ଦଶା ଓ ଯନ୍ତ୍ରଣାର ଦିନ । ବର୍ଷ ବର୍ଷ ପରାଧୀନତା ଓ ଦାସତ୍ୱ ଶୃଙ୍ଖଳରେ ଛଟପଟ ହେଉଥିଲା ପୁଣ୍ୟ ଭୂମିର ମଣିଷ । ଜନତାର ଦୁଃଖ କଷ୍ଟ, ଶୋଷଣ ପେଷଣ, ଅତ୍ୟାଚାର ଓ ନିର୍ଯ୍ୟାତନାକୁ ନୀଳକଣ୍ଠ ପରି ପାନ କରି ଯେଉଁ ମହାପୁରୁଷମାନେ ଦେଶକୁ ଦେଲେ ସୁଖ, ଶାନ୍ତି ଓ ସ୍ୱାଧୀନତାର ଅମୃତଧାରା ସେମାନଙ୍କ ମଧ୍ୟରୁ ଲକ୍ଷ୍ମଣ ନାୟକ ହେଉଛନ୍ତି ଜଣେ । ଅବିଭକ୍ତ କୋରାପୁଟ ଜିଲ୍ଲାର ବଣ ପାହାଡ଼ ଘେରା ମାଲକାନଗିରି ତା ଭିତରେ ଆଦିବାସୀ ଗାଆଁ ତେନ୍ତୁଲିଗୁମ୍ମା । ଅଗନା ଅଗନି ବନସ୍ତର ସେହି ଗାଁରେ ୧୮୯୯ ମସିହା ନଭେମ୍ବର ୨୨ ତାରିଖ ମାର୍ଗଶୀର କୃଷ୍ଣ ପଂଚମୀ ବୁଧବାର ବିଛା ୮ ଦିନ କୁଆଁ କୁଆଁ ରାବ ଦେଇ ପଦଲମ୍ ନାୟକଙ୍କ ଘରେ ଜନ୍ମ ନେଲେ ଲକ୍ଷ୍ମଣ ନାୟକ । ପଦ୍‌ଲମ୍‌ଙ୍କର ତିନିପୁଅ ମଧ୍ୟରେ ଲକ୍ଷ୍ମଣ ନାୟକ ମଝିଆଁ । ଜୟପୁର ଗଡ଼ଜାତ ରାଜ୍ୟର ରାଜା ପଦ୍‌ଲମ୍‌ଙ୍କୁ ଚାରୋଟି ଗାଁର ଭଲ ମନ୍ଦ ବୁଝିବାକୁ ଦାୟିତ୍ୱ ଦେଇଥିଲେ । ତାଙ୍କ ପରିବାର ଧାନ, ମାଣ୍ଡିଆ ଚାଷ କରିବା ସଙ୍ଗେ ସଙ୍ଗେ ଗୋରୁ ଗାଈ ପାଳନ ଓ ଶୀକାର କରି ଚଳୁଥିଲେ । ଲକ୍ଷ୍ମଣ ପିଲାଦିନ ବାପାଙ୍କଠାରୁ ଅକ୍ଷର ଲେଖି ଶିଖିଥିଲେ । ସେ ପାଖରେ ଥିବା କୋଲାବ ନଈରେ ସାଂଗ ସାଥିଙ୍କ ସହିତ ମାଛ ଧରିବା ଓ ପାହାଡ଼ ଜଙ୍ଗଲରେ ଶୀକାର କରିବା ଥିଲା ତାଙ୍କର ନିତିଦିନିଆ ଅଭ୍ୟାସ । ଲକ୍ଷ୍ମଣ ଉଣେଇଶି ବର୍ଷ ହେଲାବେଳେ ସାନଗୁମ୍ମା ଗାଁର ଘାସୀ ଭୂମିଆଙ୍କ ଝିଅ ମଙ୍ଗୁଳିଙ୍କୁ ବିବାହ କରିଥିଲେ । ଆଦିବାସୀ ନୀତିରେ ଲକ୍ଷ୍ମଣଙ୍କ ପିତା ଝିଅ ଘରକୁ ଯୌତୁକ ଦେଇଥିଲେ । ଦେଢ଼ବର୍ଷରେ ତାଙ୍କର ଗୋଟିଏ ପୁଅ ହେଲା ତାର ନାମ ରଘୁନାଥ । ପଦଲମ ନାୟକ ବୁଢ଼ା ହୋଇଯିବାରୁ ଲକ୍ଷ୍ମଣଙ୍କୁ ଲୋକଙ୍କର ହାନିଲାଭ ବୁଝିବା ପାଇଁ ମୁଖିଆ ଦାୟିତ୍ୱ ଦେଇଥିଲେ । ଲକ୍ଷ୍ମଣ ଗାଁ ମୁଖିଆ ଭାବରେ ଗାଁ ଗଣ୍ଡାର ଉନ୍ନତିରେ ମନଦେଲେ । ଲକ୍ଷ୍ମଣ ଗୁଣି ଗାରେଡ଼ି, ଚେରମୂଳି ଚିକିତ୍ସା ଓ ପୂଜା କରିବାରେ ସେ ଅଂଚଳରେ ଜଣାଶୁଣା ହୋଇଗଲେ । କୃଷିର ଉନ୍ନତି, ଗ୍ରାମ ପୁନର୍ଗଠନ, ରାସ୍ତା ଘାଟ ଉନ୍ନତି ମୁସ୍ତାଦା ଲକ୍ଷ୍ମଣ ନାୟକ ହାତକୁ ନେଲେ । ପ୍ରତିଦିନ ସଞ୍ଜରେ ଗାଁ ଚଉପାଢ଼ିରେ ନ୍ୟାୟ ନିଶାପ, ଗୀତନାଚ ଚାଲେ । ଆଖପାଖ ଗାଁ ଗଣ୍ଡାର ମୁଖିଆମାନେ ଆସି ଲକ୍ଷ୍ମଣଙ୍କ ସହିତ ବିଭିନ୍ନ ବିଷୟରେ ପରାମର୍ଶ ଲୋଡ଼ନ୍ତି । ଲକ୍ଷ୍ମଣ, ସୀତା ରାମ ରାଜୁଙ୍କ ସହିତ ଥିବା ଯୁବକ ଚନ୍ଦ୍ରକୁଟିଆଙ୍କ ସହିତ ପରିଚିତ ହୋଇ ବନ୍ଧୁକ ମାରିବା ଶିକ୍ଷା ପାଇଥିଲେ । ନୀଳକଣ୍ଠ ପାତ୍ରଙ୍କ ସହିତ ଲକ୍ଷ୍ମଣ ପରିଚିତ ହୋଇ ସ୍ୱାଧୀନତା ଆନ୍ଦୋଳନ ବିଷୟରେ ଆଲୋଚନା କଲେ । ଆମ ରାଜ୍ୟର ବଡ଼ଲାଟ ହବାକ ସାହେବ କୋରାପୁଟ ଆସିବା ସମୟରେ କର୍ମଚାରୀମାନେ ଲୋକମାନଙ୍କ ଉପରେ ଅନ୍ୟାୟ ଅତ୍ୟାଚାର କଲେ । ଏହି ଖବର ନୀଳକଣ୍ଠ ପାତ୍ର "ସମାଜ"ରେ ବାହାର କରିଦେବାରୁ ସରକାର ଲୋକଙ୍କର କ୍ଷତି ପୂରଣ ଦେଲେ । ୧୯୩୬ ମସିହାରେ କଂଗ୍ରେସ ନେତା ରାଧାକୃଷ୍ଣ ବିଶ୍ୱାସରାୟଙ୍କ ପ୍ରେରଣାରେ ଲକ୍ଷ୍ମଣ ନାଏକ କଂଗ୍ରେସରେ ଯୋଗଦେଲେ, ଖଦଡ଼ ବସ୍ତ୍ର ପରିଧାନ କରି ରାମଧୂନ୍ ଗାନକଲେ । "କାଟି ପିନ୍ଧ ଓ କୁଟି ଖାଅ" ବାର୍ତ୍ତାକୁ ତାଙ୍କ ଦେଶୀୟ ଭାଷାରେ ପ୍ରଚାର କଲେ । ସ୍ୱରାଜ ଆନ୍ଦୋଳନ ବନନିଆଁ ପରି ମାଡିଗଲା । କୋରାପୁଟର ଆଗୁଆ ନେତା ହୋଇ ବାହାରିଲେ ରାଧାକୃଷ୍ଣ ବିଶ୍ୱାସରାୟ, ନୀଳକଣ୍ଠ ପାତ୍ର, ସଦାଶିବ ତ୍ରିପାଠୀ ଓ ଲକ୍ଷ୍ମଣ ନାୟକ । ୧୯୪୨ ଅଗଷ୍ଟ ୨୧ ତାରିଖରେ "କର ବା ମର" ଡାକରା ଆସିଲା । ଗାନ୍ଧିଜୀଙ୍କ ସହିତ ବଡ଼ ବଡ଼ ନେତାଙ୍କୁ ଇଂରେଜ ସରକାର ଜେଲରେ ରଖିଲେ । ଲକ୍ଷ୍ମଣଙ୍କ ଡାକରାରେ ହଜାର ହଜାର ଲୋକ ପଟୁଆର କରି ମାଥିଲି ଥାନା ଘେରାଉ କଲେ । ମାଥିଲି ଥାନା ଉପରେ ତ୍ରିରଙ୍ଗା ପତାକା ଉଡାଇବାକୁ ସତ୍ୟାଗ୍ରହୀମାନେ ମାଡ଼ି ଚାଲିଲେ । ପୋଲିସଙ୍କ ଲାଠିମାଡ଼ରେ ଲକ୍ଷ୍ମଣଙ୍କର ବାରମ୍ବାର ଚେତା ଯାଉଥାଏ । ଏହି ସମୟରେ ଜଣେ ପୋଲିସ ତାଙ୍କ ନିଶ ପୋଡିଦେଲେ । ଲକ୍ଷ୍ମଣ ଯନ୍ତ୍ରଣାରେ ଛଟପଟ ହେଉଥାନ୍ତି । ଲିଙ୍ଗ ଭୂମିଆ ଓ ନକୁଳ ମାଡ଼କାମୀ ତ୍ରିରଙ୍ଗା ବାନା ଛାତ ଉପରେ ଉଡାଇବା ସମୟରେ ପୋଲିସ ଗୁଳିରେ ଶହୀଦ ହୋଇଗଲେ । ତାପରେ ସମରାୟ ନାୟକ, ଗୋପ ପୂଜାରୀ, କେଣ୍ଡେ ସୁନାଝରିଆ, ଗୁରୁ କୋଟିଆ, ବଳରାମ ଭୂମିଆ, ଉଦୟନାଥ ଓଡ଼ି, ନରସିଂହ ଡମ୍ବ, ଅର୍ଜୁନ କାଟିଆ ପ୍ରଭୃତି ପୋଲିସ ଗୁଳି ମାଡ଼ରେ ଜୀବନ ଦେଲେ । ପୋଲିସ ମାଡ଼ରେ ଭୁଲ୍ ବଶତଃ ଜଙ୍ଗଲ ଜଗୁଆଳୀ ରାମାୟା ମରିଯିବାରୁ ପୋଲିସ ପ୍ରଚାର କରିଦେଲେ ଲକ୍ଷ୍ମଣଙ୍କ ମାଡରେ ଜଗୁଆଳୀ ମରିଗଲା । ଥାନାବାବୁ ହୁକୁମ ଦେଲେ ଲକ୍ଷ୍ମଣଙ୍କୁ ପାଚିରୀ କଡ଼ ନାଳରେ ପିଙ୍ଗିଦିଅ । ଦୁଇଜଣ ଚେତା ନଥିବା ସଂଗ୍ରାମୀଙ୍କଠାରୁ ପୋଲିସ ଖଣ୍ଡେ ଲେଖାଏଁ ଧଳା ଅଲେଖା କାଗଜରେ ଟିପ ଚିହ୍ନ ନେଇ ସେଥିରେ ଲେଖିଦେଲା ଆମେ ଲକ୍ଷ୍ମଣ ନାୟକ କଥାରେ ପଡ଼ି ମାଥିଲି ଥାନା ପୋଡ଼ିବାକୁ ଯାଇଥିଲୁ ପୋଲିସ ଗୁଳିମାରିବାରୁ ଆମେ ପଡିଗଲୁ । ଏଣେ ଲକ୍ଷ୍ମଣ ନାୟକ ଚେତା ଫେରିପାଇ ଭିଷଣ ଯନ୍ତ୍ରଣାରେ ଛୋଟେଇ ଛୋଟେଇ ଅଗଷ୍ଟ ୨୨ ତାରିଖ ରାତିରେ ଜୟପୁରରେ ପହଂଚିଲେ । ଶୂନ୍‌ଶାନ୍ ସହରଟା ଦେଖିଲେ କଂଗ୍ରେସ ଅଫିସ୍ ଆଗରେ ତାଲା । ଲକ୍ଷ୍ମଣର ଶବ ନଥିବାରୁ ପୋଲିସ୍ ମାଥିଲି ଥାନା ପୋଡି ଘଟଣାରେ ହୁଲିଆ ଜାରି କରିଛି । ଜଣେ କଂଗ୍ରେସ କର୍ମୀ ଏହି ଖବର ଲକ୍ଷ୍ମଣକୁ ଦେବାରୁ ସେ ନିଜ ଗାଁ ରାମଗିରି ପାହାଡକୁ ଚାଲିଗଲେ । ସେଠାରେ ଫଳମୂଳ ଖାଇ ପେଟର ଭୋକ ଓ ଦେହର ଦରଦ କମାଇଲେ ସିନା ମନରେ ତାଙ୍କର ଜଳିଲା ରାଗରୋଷର ନିଆଁ । ଲକ୍ଷ୍ମଣ ନଥିବାରୁ ଗାଁରେ ପୋଲିସର ପ୍ରବଳ ଅତ୍ୟାଚାର । ଆଠ ଦିନ ପରେ ଜଙ୍ଗଲରୁ ଲକ୍ଷ୍ମଣ ଗାଁକୁ ଫେରିଲେ । ସମସ୍ତଙ୍କ ମନରେ ଆନନ୍ଦର ଲହରି ଖେଳିଗଲା । ସୂତାକଟା, ରାମଧୂନ୍, ସ୍ୱରାଜ ଲଢ଼େଇ ସବୁ କାମ ଚାଲିଲା । ତିନିଦିନ ପରେ ପୋଲିସ୍ ଗାଁ ଚାରିପଟେ ଘେରାଉକଲେ । ଲକ୍ଷ୍ମଣଙ୍କ ଭାରିଜା ମଙ୍ଗୁଳି ଗିନାରେ ଯାଉଟିକେ ଦେବା ସମୟରେ ପୋଲିସ୍ ଲକ୍ଷ୍ମଣଙ୍କୁ ହାତ କଡ଼ା ପକାଇ ଗାଁ ଦାଣ୍ଡରେ ଚଲାଇ ଚଲାଇ ନେଇଗଲେ । ଲକ୍ଷ୍ମଣ ପରେ ତାଙ୍କର ପୁଅ ରଘୁନାଥକୁ ମଧ ମାଥିଲି ଥାନାରେ ବନ୍ଦୀ କରି ରଖାଗଲା । ମଙ୍ଗୁଳି ଦୁଇଟି ଛେଳି ବିକି ପୋଲିସ୍ ବାବୁଙ୍କୁ ପଇସା ଦେବାରୁ ରଘୁନାଥ ଥାନାରୁ ମୁକୁଳିଲେ । ଥାନାରେ ଚାଲିଲା ଚିହ୍ନଟ ପ୍ରକ୍ରିୟା । ହାଟ ଦଣ୍ଡିଆ ଓ ମଦ ଦୋକାନୀ ଚିହ୍ନଟ ଦେଲେ । ୫୪ ଜଣଙ୍କୁ ରାଜଦ୍ରୋହ ଅପରାଧରେ କୋରାପୁଟ ଜେଲକୁ ପଠାଗଲା । ୧୯୪୨ ମସିହା ଅକ୍ଟୋବର ମାସରୁ ଲକ୍ଷ୍ମଣଙ୍କ ବିରୁଦ୍ଧରେ ବିଚାର ଆରମ୍ଭ ହେଲା । ସରକାରଙ୍କ ତରଫରୁ ତେତିଶି ଜଣ ସାକ୍ଷୀ ଦେଲେ । ଜଙ୍ଗଲ ଜଗୁଆଳୀ ରାମାୟାକୁ ଲକ୍ଷ୍ମଣ ଓ ବଳରାମ ଠେଙ୍ଗାରେ ପିଟି ପିଟି ମାରିଦେଲେ । ବିଚାରପତି ୩୩ ଜଣଙ୍କ ଠାରୁ ସାକ୍ଷୀନେଇ ୧୯୪୨ ମସିହା ନଭେମ୍ବର ୧୩ ତାରିଖ ଦିନ ରାୟ ଘୋଷଣା କଲେ । ଥାନା ପୋଡ଼ି, ସରକାରୀ ଖଜଣା ଲୁଟ୍ ଓ ସରକାରୀ କର୍ମଚାରୀଙ୍କୁ ମାରିଦେବା ଘଟଣାକୁ ନେଇ ବିଚାରପତି ନେତୃତ୍ୱ ନେଉଥିବା ଲକ୍ଷ୍ମଣ ନାୟକଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ଫାଶୀ ଖୁଂଟରେ ଝୁଲାଇବାକୁ ରାୟଦେଲେ । ଲକ୍ଷ୍ମଣଙ୍କୁ କୋରାପୁଟ ଜେଲରୁ ତାଙ୍କୁ ବ୍ରହ୍ମପୁର ଜେଲକୁ ସ୍ଥାନାନ୍ତର କରାଗଲା । ସେଠାରେ ଲକ୍ଷ୍ମଣ ସଦାଶିବ ତ୍ରିପାଠୀ ଓ ରାଧାକୃଷ୍ଣ ବିଶ୍ୱାସରାୟଙ୍କୁ ଦେଖି ବହୁତ ଖୁସି ହେଲେ । କଂଗ୍ରେସର ବଡ଼ ବଡ଼ ନେତା ଲକ୍ଷ୍ମଣଙ୍କ ବିଚାର ଉପରେ କୋର୍ଟରେ କରିବାକୁ ଦାବିକଲେ । ପାଟଣା ହାଇକୋର୍ଟରେ ଲକ୍ଷ୍ମଣଙ୍କ ବିଚାର ଚାଲିଲା । ଲକ୍ଷ୍ମଣଙ୍କ ଓକିଲ ରାଧାଚରଣ ଦାସ, ମୋକଦ୍ଦମା ବୁଝାବୁଝି କଲେ । ଓକିଲ ପିତାମ୍ବର ମିଶ୍ର ମଧ୍ୟ ଲକ୍ଷ୍ମଣଙ୍କ ସପକ୍ଷରେ ଯୁକ୍ତି କରିଥିଲେ, କିନ୍ତୁ ଉଭୟ ବିଚାରପତି ତଳ କୋର୍ଟର ଦଣ୍ଡକୁ କାଏମ ରଖି ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖ ଦିନ ଲକ୍ଷ୍ମଣ ନାୟକଙ୍କୁ ଫାଶୀ ଦିଆଯିବ ବୋଲି ରାୟ ପ୍ରଦାନ କଲେ । ମାର୍ଚ୍ଚ ୨୮ ତାରିଖରେ ସବୁ ରାଜବନ୍ଦୀ ଲକ୍ଷ୍ମଣ ନାୟକଙ୍କୁ ଶେଷ ସାକ୍ଷାତ୍ କଲେ । ସଦାଶିବ ତ୍ରିପାଠୀ ପଚାରିବାରୁ ଲକ୍ଷ୍ମଣ ନାୟକ କହିଲେ "ସ୍ୱରାଜ ପାଇଁ ଆମେ ସକଳେ ଲଢୁଥିଲୁ । ମୁଁ ସେତକ ଏ ଜୀବନରେ ଦେଖି ପାରିଲି ନାହିଁ । ସେତିକି ଦୁଃଖ ରହିଗଲା । ହେଲେ ତୁମେମାନେ ଦେଖିବ, ମୋ ପିଲାମାନେ ଦେଖିବେ, ସେଥିରେ ମୁଁ ଖୁସି । ମୋ ପୁଅ ଝିଅକୁ ବାହା କରାଇଦେବ" । ଜଣେ ବନ୍ଧୁ ଜେଲକୁ ଆସିଥିଲେ ଦେଖାକରିବାକୁ ତାଙ୍କୁ ସେ କହିଲେ ଗାନ୍ଧିଜୀଙ୍କ ତପସ୍ୟାର ଫଳ ଦିନେ ଦେଶ ସ୍ୱାଧୀନ ହେବ । ତୁମ୍ଭେ ସମସ୍ତେ ମିଳିମିଶି ସ୍ୱାଧୀନତା ଉପଭୋଗ କରିବ । ମାର୍ଚ୍ଚ ୨୯ ତାରିଖରେ ବ୍ରହ୍ମପୁର ଜେଲ୍‌ରେ କଏଦୀମାନେ "ବନ୍ଦେ ମାତରମ୍", "ମହାତ୍ମା ଗାନ୍ଧିଜୀ ଜୟ" ଲକ୍ଷ୍ମଣ ନାୟକ ଜୟ" ଧ୍ୱନି ଦେଲେ । ଭୋର ୫ଟାରେ ଗୀତାପାଠ ସାରି ବୀର ଦର୍ପରେ ଲକ୍ଷ୍ମଣ ଆଗେଇ ଚାଲିଲେ ଫାଶୀଖୁଂଟ ପାଖକୁ, ସେତେବେଳେ ସେ ଗାଉଥିଲେ ରଘୁପତି ରାଘବ ରାଜାରାମ... । ଶେଷ ଇଚ୍ଛା ପ୍ରକାଶ କରିବାକୁ ଜେଲବାବୁ କହିବାରୁ ଲକ୍ଷ୍ମଣ କହିଥିଲେ- ସୂର୍ଯ୍ୟ, ଚନ୍ଦ୍ର ପରି ସତ୍ୟ ଭାରତ ମାତା ସ୍ୱାଧୀନ ହେବ । ଫାଶୀ ପରେ ତାଙ୍କ ଜ୍ଞାତିକୁଟୁମ୍ବଙ୍କୁ ଖବର ଦିଆଯାଇ ନଥିଲା । ଇଂରେଜମାନେ ତାଙ୍କର ମୃତ ଦେହକୁ ସେହି ଜେଲ ଭିତରେ ପୋତି ଦେଇଥିଲେ । ସରକାର ଢୋଲ ବଜାଇ ଲକ୍ଷ୍ମଣ ନାୟକ ଫାଶୀ ପାଇଲେ ବୋଲି ଲୋକମାନଙ୍କୁ ଜଣାଇ ଦେଲେ । ପୁଅ ରଘୁନାଥ ପିତାଙ୍କ ମୃତ୍ୟୁ ସମ୍ବାଦ ଢୋଲ ବାଜିବାରୁ ଜାଣିବାକୁ ପାଇଲେ । ସେଦିନ ସମସ୍ତ ବନ୍ଦୀ ଉପବାସ ପାଳନ କଲେ । ସନ୍ଧ୍ୟା ସମୟରେ ଏକ ଶୋକ ସଭାରେ ଜାତୀୟ କବି ବୀରକିଶୋରଙ୍କ ରଚିତ ଗୀତ ଗାନ କରାଗଲା ।

*ଲକ୍ଷ୍ମଣ ଭାଇରେ ଲକ୍ଷ୍ମଣ ଭାଇ*
*ମୁକତି ଲଢେଇ ଡାକରା ପାଇ*
*ଫାଶୀରେ ଚଢ଼ିଲୁ ଆମରି ପାଇଁ*
*ଆଗଭର ହୋଇ*
*ଆସିଲୁ ଧାଇଁ....*

*ଫାଶୀ ପୂର୍ବରୁ ଲକ୍ଷ୍ମଣ ନାୟକଙ୍କ ଧରିତ୍ରୀ ଓ ମହାତ୍ମା ଗାନ୍ଧୀ ଥିବା ପୁନା ସହରକୁ ପ୍ରଣାମ ଜଣାଇ ଏହି ଗୀତ ଗାଇଥିଲେ -*

*ମରିନାହିଁ କେବେ ମରିବିନାହିଁ*
*ମୋ ପାଇଁ ଭାବନା କରିବ ନାହିଁ*
*.... .... .... ...*
*ମନରେ ଏତିକି ଆଜି ମୋର ଖୁସି*
*କିବା ଦୋଷେ ଭାଇ*
*ପିନ୍ଧିଲି ମୁଁ ଫାଶୀ*
*ପୁନା ସହରକୁ ପ୍ରଣାମ କରି ମୁଁ*
*ଦେଲି ମୋର ପ୍ରାଣ*
*ପୃଥିବୀ ପାଇଁ ।*

*ଭାରତ ମାତା ତାର ଜଣେ ବୀର ସୁଯୋଗ୍ୟ ସନ୍ତାନକୁ ହରାଇଲା । ନିଃସ୍ୱାର୍ଥପର, ନିର୍ଭିକ, ଜନନାୟକ ଲକ୍ଷ୍ମଣ ନାୟକ ଆମ୍ଭ ନିକଟରେ ଚିରସ୍ମରଣୀୟ ହୋଇ ରହିବେ । ସେଥିପାଇଁ ପିଲାମାନେ ଗାଆନ୍ତି ।*

*ଲକ୍ଷ୍ମଣ ନାଏକ ହେ*
*ଲକ୍ଷ୍ମନ ନାଏକ*
*ଦେଶ ଲାଗି ଫାଶୀ ଖୁଂଟେ*
*ଝୁଲାଇଲ ବେକ*
*ରଖିଗଲ ଓଡିଶାର ଟେକ ।*

*ପାରାଦ୍ୱୀପଗଡ଼, କୁଜଙ୍ଗ,*
*ଜଗତ୍‌ସିଂହପୁର*
*ମୋ.-୯୯୩୭୬୯୧୪୭୫*

# ମୟୁର ସାହିତ୍ୟ ସଂସଦର ବାର୍ଷିକ ଅଧିବେଶନ ନିମନ୍ତେ ପ୍ରସ୍ତୁତି ବୈଠକ

ବୈଶିଙ୍ଗା : ବେତନଟୀର ପୁରାତନ ସାହିତ୍ୟାନୁଷ୍ଠାନ 'ମୟୂର ସାହିତ୍ୟ ସଂସଦ'ଆଗାମୀ ଉତ୍କଳଦିବସ ପାଳନ ସହ ସଂସଦର ବାର୍ଷିକ ଅଧିବେଶନ ମଧ ପାଳନର ନିଷ୍ପତ୍ତି ଗ୍ରହଣ କରିଅଛି ।କାର୍ଯ୍ୟକାରୀ ସଭାପତି ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ମାର୍ଚ୍ଚ ୨୬ତାରିଖରେ ଅନୁଷ୍ଠିତ କାର୍ଯ୍ୟକାରୀ କମିଟି ବୈଠକରେ ଏହାର ଚୂଡାନ୍ତ ରୂପରେଖ ପ୍ରସ୍ତୁତ ହୋଇଅଛି । ଆଗାମୀ ମଇ ୩ ତାରିଖ ରବିବାରରେ ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ବାଲେଶ୍ୱରରୁ ଦୁଇଜଣ ପ୍ରଖ୍ୟାତ ସାହିତ୍ୟିକ ଏଥିରେ ଯୋଗ ଦେବାକୁ ସମ୍ମତି ଜଣାଇବା ସହ ଦୁଇଜଣ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ମଧ ସମ୍ମାନିତ କରାଯିବ । ପ୍ରତ୍ୟେକ ବର୍ଷ ଭଳି ସଂସଦର ମୁଖପତ୍ର 'ବନ ମୟୂରୀ'ର ବାର୍ଷିକ ବିଶେଷାଙ୍କ ଉନ୍ମୋଚନ ହେବ । ଏଥି ନିମନ୍ତ ଆଗାମୀ ୧୦ ଅପ୍ରେଲ ସୁଦ୍ଧା କବି, ଲେଖକମାନଙ୍କ ଠାରୁ କ୍ଷୁଦ୍ରଗଳ୍ପ, କବିତା ଆହ୍ୱାନ କରାଯାଉଅଛି । ଆଲୋଚନାରେ ଉପସଭାପତି ଗୌତମଚନ୍ଦ୍ର ବେହେରାଙ୍କ ସମେତ ବନମୟୁରୀ ସଂପାଦକ ନୀରଦସୁନ୍ଦର ଜେନା, ସହ ସଂପାଦକ ସହଦେବଗିରି ଓ ରବୀନ୍ଦ୍ରନାଥ ଖଟୁଅ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଶେଷରେ ସମ୍ପାଦକ ଯତୀନ୍ଦ୍ରନାଥସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାମ ଚରିତ୍ର ମାନସ ପଠନ ଉତ୍ସବ ବିଭିନ୍ନ ସ୍ଥାନରେ ରାମ ଜନ୍ମୋତ୍ସବ ପାଳିତ




ନୂଆପଡ଼ା : (ନି.ପ୍ର) ନୂଆପଡ଼ା ଜିଲ୍ଲା ର ବିଭିନ୍ନ ସ୍ଥାନରେ ରାମ ନବମୀ ଏବଂ ରାମ ଜନ୍ମୋତ୍ସବ ପାଳିତ ହେଉଅଛି । ଖଡିଆଳ ସ୍ଥିତ ରାମ ସ୍ୱାମୀ ମନ୍ଦିର ପରିସର ମଧ୍ୟରେ ପବିତ୍ର ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇ ଯାଇଛି । ଏହି ଉପଲକ୍ଷେ ଅଷ୍ଟମୀ ତିଥିରୁ ରାମ ଚରିତ୍ର ମାନସ ପଠନ ଉତ୍ସବ ଆରମ୍ଭ ହୋଇ, ଆଜି ଦିନ ୧୧ ଘଂଟା ରେ ସମାପନ ହୋଇଅଛି । ଆଜି ହବନ ହେବା ସହ ରାମ ଜନ୍ମୋତ୍ସବ ପାଳିତ ହେଉଅଛି । ସମସ୍ତେ ଏକତ୍ର ଭାବରେ ସାମିଲ ହୋଇ ପବିତ୍ର ରାମ ଜନ୍ମ ଉତ୍ସବ ପାଳନ କରୁଛନ୍ତି । ସେହି ପରି ଅନେକ ଗ୍ରାମରେ ଅଷ୍ଟ ପ୍ରହରୀ ନାମ କୀର୍ତନ କରିଚନ୍ତି । ସଂଧ୍ୟା ସମୟ ରେ ପବିତ୍ର ବିଶାଳ ଶୋଭାଯାତ୍ରା ନୂଆପଡ଼ା, ଖରୀଆର ରୋଡ, ଭଳି ଅନେକ ସହରରେ ପରିକ୍ରମା କରି । ପ୍ରସାଦ ସେବନ ଉତ୍ସବ ପାଳିତ ହେବା ସହ ଅନେକ ସ୍ଥାନ ରେ ଭଣ୍ଡାରା ଅନୁଷ୍ଠିତ ହେଉଅଛି । ଖଡିଆଳ ଠାରେ ବହୁ ରାମ ଭକ୍ତ ମାନେ ସହର ପରିକ୍ରମା କରି ମୁଖ୍ୟ ରାସ୍ତା କଡ଼ରେ ମଙ୍ଗଳ ଦୀପ କନଷ୍ଟକସନ୍ ପକ୍ଷରୁ ଭଣ୍ଡରା କାର୍ଯ୍ୟକ୍ରମ ହୋଇଥିବାରୁ ଶ୍ରଦ୍ଧାଳୁ ମାନେ ପ୍ରସାଦ ସେବନ କରିଥିଲେ ।

# ୭୦ ବର୍ଷର ରାଧାନାଥ ମଣ୍ଡପରେ ବାସନ୍ତୀ ଦୁର୍ଗାପୂଜା

ସୋରଃ ସୋର ପୌରାଂଚଳ ଅନ୍ତର୍ଗତ ରାଧାନାଥ ପାଠାଗାର ଆନୁକୂଲ୍ୟଲେ ରାଧାନାଥ ମଣ୍ଡପ ଦୁର୍ଗାପୂଜା ଉତ୍ସବ ୭୦ ବର୍ଷରେ ପଦାର୍ପଣ କରିଛି । ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ବିଧାନ ସଭାର ପ୍ରଥମ ବାଚସ୍ପତି ନନ୍ଦ କିଶୋର ଦାସ ଏହାକୁ ଶୁଭାରମ୍ଭ କରିଥିଲେ । ତାଙ୍କ ସହିତ ସ୍ୱାଧୀନତା ସଂଗ୍ରାମୀ ନୀଳାମ୍ବର ଦାସ, ନିରାକାର ପଣ୍ଡା, ସୁନ୍ଦର ମୋହନ ଦାସ, ଲକ୍ଷ୍ମୀନାରାୟଣ ନାୟକ ଏବଂ ଯଦୁନାଥ ଦାଶ ମହାପାତ୍ର ଆଦି ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ସହଯୋଗୀ ରହିଥିଲେ । ପ୍ରତିବର୍ଷ ପରି ରାଧାନାଥ ସ୍ମୃତି ମଣ୍ଡପଠାରେ ଏହି ୪ ଦିନିଆ ଉତ୍ସବ ଗତ ୨୫ ତାରିଖରୁ ଆରମ୍ଭ ହୋଇ ମହାନବମୀ ପୂଜା ମହାସମୋହେରାହରେ ଅନୁଷ୍ଠିତ ହୋଇଛି । ଆସନ୍ତାକାଲି ଦଶହରା ଭସାଣି ଉତ୍ସବ ଅନୁଷ୍ଠିତ ହେବ । ଏହି ପୂଜାରେ ମୁଖ୍ୟ ଆଚାର୍ଯ୍ୟ ଭାବେ ହରିହର ପଣ୍ଡା, ବନମାଳୀ ଦ୍ୱିବେଦୀ ଚଣ୍ଡୀ ଆଚାର୍ଯ୍ୟ ଏବଂ ଦେବେନ୍ଦ୍ର ଶତପଥୀ ପୁସ୍ତକାଚାର୍ଯ୍ୟ ଭାବେ ପୂଜା କାର୍ଯ୍ୟ ସଂପାଦନା କରିଛନ୍ତି । ପୁରଧା ଭାବେ ଦାମୋଦର ଦାଶ ମହାପାତ୍ର, ତାଙ୍କ ପତ୍ନୀ ଶୈଳବାଳା ପାଣିଗ୍ରାହୀ କାର୍ଯ୍ୟ ତୁଲାଇଥିଲେ । ରାଧାନାଥ ପାଠାଗାରର ସଦସ୍ୟ ସଦସ୍ୟାମାନେ ଏଥିରେ ସହଯୋଗ କରିଥିଲେ । ଏଠାରେ ପ୍ରତ୍ୟେକ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ସୋରରେ ରାମ ନବମୀ ମହୋତ୍ସବ: ଶ୍ରୀରାମ ସେନା ପକ୍ଷରୁ ବିଶାଳ ଶୋଭାଯାତ୍ରା

ସୋର : ପବିତ୍ର ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ଗତ ୧୮ ବର୍ଷ ଧରି ସୋରରେ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଙ୍କ ଆଦର୍ଶକୁ ଗ୍ରହଣ କରି ସୋରର ଶ୍ରୀରାମ ସେନା ତରଫରୁ ରାଷ୍ଟ୍ରୀୟ ନବବର୍ଷ ଚୈତ୍ର ଶୁକ୍ଳ ପ୍ରତିପଦା ଠାରୁ ଆରମ୍ଭ ହୋଇ ଆଜି ଶ୍ରୀରାମ ନବମୀରେ ଉଦ୍ ?ଯାପିତ ହୋଇଯାଇଛି । ଏହି ଉପଲକ୍ଷେ ଆଜି ପୂର୍ବାହ୍ଣ ୧୧ ଘଟିକା ସମୟରେ ସୋର ଷ୍ଟ୍ରକ୍‌ଚର ପଡ଼ିଆଠାରୁ ଶ୍ରୀରାମ ଲାଲଙ୍କ ୧୮ଟି ସୁସଜ୍ଜିତ ମେଢ଼ ସହିତ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା । ଏହି ଶୋଭାଯାତ୍ରା ହାଇସ୍କୁଲଛକ, ବାମ୍ପିଛକ, କସିପୋଲ, ଛତ୍ରପୁର ଛକ, ଅଢ଼ଙ୍ଗ ବଜାର, ଅନନ୍ତପୁର ଛକ ଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ପରିକ୍ରମା କରିଥିଲା । ଏହି ୧୦ଘଂଟିଆ ଶୋଭାଯାତ୍ରାରେ ୧୦ ହଜାରରୁ ଅଧିକ ପୁରୁଷ ମହିଳା ଶ୍ରଦ୍ଧାଳୁ ଯୋଗଦେଇ ଗୀତ, ବାଦ୍ୟ ନୃତ୍ୟର ତାଳେତାଳେ ଶ୍ରୀରାମଙ୍କ ଗାଥା ଗାନ କରିବାର ଅପୂର୍ବ ଦୃଶ୍ୟ ପ୍ରଦର୍ଶନ କରିଥିଲେ । ଏହି ସମୟରେ ରଙ୍ଗ ଅଭିରରେ ଗୈରିକମୟ ହୋଇଯାଇଥିଲା ସମଗ୍ର ସହର । ଏହି କାର୍ଯ୍ୟକ୍ରମରେ ସୋର ବିଧାୟକ ମାଧବ ଧଡ଼ା, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ବିଧାୟକ ପର୍ଶୁରାମ ଧଡ଼ା, ଜିଲା ବିଜେପି ସଭାପତି ଇଶ୍ୱର ଚନ୍ଦ୍ର ବେହେରା ଯୋଗଦେଇଥିଲେ । ଏହି କାର୍ଯ୍ୟକମକୁ ଶ୍ରୀରାମ ସେନାର ସଭାପତି ପ୍ରହଲ୍ଲାଦ ସାହୁ , ସମ୍ପାଦକ ମନିଷ ଗୁପ୍ତା, ମନୋରରଂଜନ ଧଡ଼ା, ବିଷ୍ଣୁ ଚରଣ ପଣ୍ଡା, କାହ୍ନୁ ଚରଣ ବେହେରା, ସୁଶୀଲ ଝୁନଝୁନୱାଲା, ଅଭିଷେକ ଗୁପ୍ତା,ସଂଗ୍ରାମ କେଶରୀ ମହାନ୍ତି, ଆଲୋକ ମହାନ୍ତି, ଗୁଗୁ ଦାସ, ଅଭିଷେକ ଅଗ୍ରୱାଲ, ନରେଶ ସି, ଦୀନବନ୍ଧୁ ଦାସ, କାହ୍ନୁ କର, ଲକ୍ଷ୍ମୀଧର ମହାକୁଡ଼, ଦିଗନ୍ତ ସାହୁ, ଆତ୍ମପ୍ରକାଶ ମସ୍କରା, ରମାକାନ୍ତ ପଣ୍ଡା, ମୃତ୍ୟୁଞ୍ଜୟ ମହାପାତ୍ର ଓ ସୁଶାନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ପେଦାକୋଣ୍ଡାରେ ନିର୍ମାଣ ଶ୍ରମିକ ସଚେତନତା ଓ ପଞ୍ଜିକରଣ ଶିବିର

ମାଲକାନଗିରି : ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ମାଲକାନଗିରି ବ୍ଲକ ଅନ୍ତର୍ଗତ ପେଦାକୋଣ୍ଡା ଗ୍ରାମ ପଂଚାୟତଠାରେ ଏକ ଶ୍ରମିକ ପଞ୍ଜିକରଣ ଓ ସଚେତନତା ଶିବିର ସଫଳତାର ସହ ସମ୍ପନ୍ନ ହୋଇ ଯାଇଛି । ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କ୍ୟାମ୍ପରେ ସହକାରୀ ଶ୍ରମ ଅଧିକାରୀ ତନ୍ମୟ ମଣ୍ଡଳ ଉପସ୍ଥିତ ରହି ଶ୍ରମିକମାନଙ୍କୁ ସରକାରୀ ଯୋଜନା ବିଷୟରେ ଅବଗତ କରାଇଥିଲେ । ମୋ ସେବା କେନ୍ଦ୍ର ଜରିଆରେ ୫୭ ଜଣ ଶ୍ରମିକଙ୍କୁ ତୁରନ୍ତ ଅନଲାଇନ ପଞ୍ଜିକରଣ କରାଯାଇଛି । ୪୪ ରୁ ଅଧିକ ଶ୍ରମିକଙ୍କ କାର୍ଡ ନବୀକରଣ କରାଯିବା ସହ ଅଚଳ ଥିବା କାର୍ଡଗୁଡ଼ିକୁ ସକ୍ରିୟ କରାଯାଇଛି । ଶିବିରରେ ଉପସ୍ଥିତ ୧୪୯ ଜଣ ଶ୍ରମିକଙ୍କୁ ପ୍ରବାସୀ ଓ ଅଣସଂଗଠିତ କ୍ଷେତ୍ରରେ ମିଳୁଥିବା ସରକାରୀ ସୁବିଧା ବିଷୟରେ ବୁଝାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଂଚ, ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ ଏବଂଶ୍ରମ କାର୍ଯ୍ୟାଳୟର କର୍ମଚାରି ଚିନ୍ମୟ ରାଉତରାୟ, ରିକୁ ରଞ୍ଜନ ଅଧିକାରୀ ଓ ସୋନାଲି ରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଜନଜାତି ବହୁଳ ଅଂଚଳରେ ଶ୍ରମିକମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଜିଲ୍ଲା ପ୍ରଶାସନର ଏହି ପ୍ରୟାସକୁ ସ୍ଥାନୀୟ ଅଂଚଳରେ ବେଶ ପ୍ରଶଂସା କରାଯାଇଛି ।

# ଜିଲ୍ଲା ପ୍ରଶାସନ ଓ ଏଚ୍.ଏ.ଏଲ୍ ସୁନାବେଡା ର ମିଳିତ ପ୍ରୟାସରେ ଭିନ୍ନକ୍ଷମ ମାନଙ୍କୁ ଇଲେକ୍ଟ୍ରିକ୍ ସ୍କୁଟର ବଂଟନ

ଜୟପୁର : କୋରାପୁଟ ପୋଲିସ୍ ପଡିଆଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ କୋରାପୁଟ ଜିଲ୍ଲା ପ୍ରଶାସନ ଓ ଏଚ୍.ଏ .ଏଲ୍ ସୁନାବେଡା ତରଫରୁ ଜିଲ୍ଲାର ୮୪ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଏଚ.ଏ.ଏଲ (ସି.ଏସ୍. ଆର୍) ସହାୟତାରେ ଇଲେକ୍ଟ୍ରିକ୍ ସ୍କୁଟର ପ୍ରଦାନ କରାଯାଇଛି । ଏହି ପ୍ରଦାନ ଉତ୍ସବରେ ସମ୍ମାନିତ ଅତିଥି ଭାବରେ କୋରାପୁଟର ଜିଲ୍ଲାପାଳ ମନୋଜ ସତ୍ୟୱାନ୍ ମହାଜନ , ଶ୍ରୀରଙ୍ଗ .ଏ. କୋଠେ , (ଇ.ଡି) ଏଚ୍.ଏ.ଏଲ୍ ସୁନାବେଡା , କାଲୋଲ୍ ଭଟ୍ଟାଚାର୍ଯ୍ୟ (ଜି.ଏମ୍,ଇଞ୍ଜିନ ବିଭାଗ) ସରୋଜ କୁମାର ପଣ୍ଡା ,ଜି.ଏମ୍ (ଏସ୍.ଇ.ଡି) ବାଳକୃଷ୍ଣ ରାଓ ,ଏ.ଜି.ଏମ୍ , (ଅର୍ଥ ବିଭାଗ) ରମାକାନ୍ତ ଦାଶ (ଡି.ଜି.ଏମ୍,ଏଚ୍ .ଆର) କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ତପନ ନାୟକ , ଡାକ୍ତର ସାଇ ସ୍ୱରୂପ , ( ଏ.ଡି.ଏମ୍ .ଓ) ଯୋଗ ଦେଇଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ତରୁଣ ତପନ ପ୍ରହରାଜ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଜିଲ୍ଲାପାଳ ନିଜ ବକ୍ତବ୍ୟରେ ଏହି ସ୍କୁଟର ଜୀବନ ନିର୍ବାହରେ ସହାୟକ ହୋଇ ପାରିବ ବୋଲି ଭିନ୍ନକ୍ଷମ ମାନଙ୍କୁ ବାର୍ତ୍ତା ପ୍ରଦାନ କରିଥିଲେ । ଏଚ୍.ଏ.ଏଲ୍ ର ଇ.ଡି ଏହା ଏକ ସୁଯୋଗ ଏବଂ ଏହାର ସଦୁପଯୋଗ କରିବା ପାଇଁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ୫ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ କୃତ୍ରିମ ଅଙ୍ଗ ମଧ୍ୟ ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ଶଶିକାନ୍ତ ପଟ୍ଟନାୟକ ସ୍ମିତା ମହାପାତ୍ରଙ୍କ ସମେତ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଆନ୍ତରିକତାର ସହ ସହଯୋଗ କରିଥିବା ବେଳେ ଅଧ୍ୟାପକ ରବି ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନଏସ ଏସ ୟୁନିଟ ଦ୍ୱାରା ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର



ସୋର(ନିପ୍ର): ସୋର ବ୍ଲକ ଅଧୀନସ୍ଥ ମଙ୍ଗଳପୁର ଶ୍ରୀନିବାସ ଉଚ୍ଚ ମଧ୍ୟମିକ ବିଦ୍ୟାଳୟ ର ଜାତୀୟ ସେବା ଯୋଜନା ତରଫରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଖରା ର ରୌଦ୍ର ତାପ ବଢୁଥିବା ଯୋଗୁଁ ମଙ୍ଗଳପୁର ରେ ଜଳ ଛତ୍ର ଶିବିର ଓ ଅଂଶୁଘାତ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଗ୍ରାମାଂଚଳ ଲୋକ ମାନଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ଯୋଗୁଁ ବିଦ୍ୟାଳୟ ତରଫରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଓ ଲେନ୍ସ ଲଗାଇ ମାଗଣା ଚକ୍ଷୁ ଅସ୍ତ୍ରୋପଚାର କରାଯାଇ ଥିଲା । ଏହା ଛଡା ମାଗଣା ଦାନ୍ତ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଏବଂ ରକ୍ତ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଂଟନ କରାଯାଇ ଥିଲା । ଉକ୍ତ ଶିବିର ଗୁଡିକୁ ବିଦ୍ୟାଳୟ ର ଅଧକ୍ଷ ପୂର୍ଣ୍ଣ ଚନ୍ଦ୍ର ବେହେରା ଉଦ୍ଘାଟନ କରିଥିଲେ । ଅସ୍ଥି ଶଲ୍ୟ ବିଭାଗର ଡାକ୍ତର ପଙ୍କଜ କୁମାର ଦାସ, ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ନୀତିଶ କୁମାର ଦତ, ଭେଷଜ ବିଭାଗର ଡାକ୍ତର ଶୁଭଜିତ ବିନ୍ଧାଣୀ, ଦନ୍ତ ବିଭାଗର ଡାକ୍ତର ବିନିତା ପ୍ରଧାନ ସ୍ଥାନୀୟ ରୋଗୀ ମାନଙ୍କୁ ଚିକିତ୍ସା କରିଥିଲେ । ରୋଟାରୀ କ୍ଲବ ବାଲେଶ୍ୱର ଚକ୍ଷୁ ବିଭାଗ ର ରମେଶ ଚନ୍ଦ୍ର ବାରିକ, ଧନଞ୍ଜୟ ବାରିକ, ସୁଦେଷ୍ଣା ଦାସ, ରିତୁସ୍ମିତା ସାହୁ ସ୍ଥାନୀୟ ଲୋକ ମାନଙ୍କର ଚକ୍ଷୁ ପରୀକ୍ଷା କରି ଔଷଧ ଦେବା ସହ ଲେନ୍ସ ଲଗାଇ ଅସ୍ତ୍ରୋପଚାର କରାଇ ଥିଲେ । ଏହି ଶିବିର ଗୁଡିକୁ ସୁପରିଚାଳନା କରିଥିଲେ ଏନ ଏସ ଏସ ର ପ୍ରୋଗ୍ରାମ ଅଫିସର ସୁଜିତ କୁମାର ଗୋଛାୟତ, ଅଧ୍ୟାପକ ଡକ୍ଟର ପୁଣ୍ୟବ୍ରତ ମହାନ୍ତି, ଡ଼କ୍ଟର ପଙ୍କଜ କୁମାର ଜେନା, ଅଜୟ କୁମାର ବାରିକ, ସତ୍ୟନରାୟଣ ସାହୁ, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ସୁଶାନ୍ତ କୁମାର ରାଉଳ, ସଞ୍ଜୟ କୁମାର ଦାସ, ରବି ନାରାୟଣ ମଲ୍ଲିକ, ପ୍ରଶାନ୍ତ କୁମାର ପଣ୍ଡା, ଅଧ୍ୟାପିକା ପୁଷ୍ପଲତା ପାତ୍ର, ଡ଼କ୍ଟର ରଞ୍ଜିତା ବାଳା ମହାପାତ୍ର, ସନ୍ଧ୍ୟାରାଣୀ ଜେନା, ଅନ୍ନପୂର୍ଣ୍ଣା ଜେନା, ପିଜିଟି କସ୍ତୁରୀ ପଳତା, ଗଜେନ୍ଦ୍ର କବି, ଶାନ୍ତନୁ କୁମାର ପାତ୍ର, ମନୋଜ କୁମାର ଶବର, କୁମାରୀ ଇତିଶ୍ରୀ ମହଲା ଏବଂ ଶିକ୍ଷା କର୍ମଚାରୀ କୈଳାଶ ବାରିକ, ଅଣାକର ନାୟକ, ସ୍ୱାଗତିକା ସାହୁ, ଭରତ ଚନ୍ଦ୍ର ବାରିକ, ପୂର୍ଣ୍ଣ ଚନ୍ଦ୍ର ରାଉତ, ଗାୟତ୍ରୀ ଗୋଛାୟତ ଏବଂ ଡି.ଇ.ଓ. ଭରତ ଚନ୍ଦ୍ର ମହାନା । ଏନ. ଏସ.ଏସ. ର ସ୍ୱେଚ୍ଛାସେବୀ ମାନେ କାର୍ଯ୍ୟକ୍ରମର ସଫଳତା ପାଇଁ ସକ୍ରିୟ ସହଯୋଗ କରିଥିଲେ ।

# ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ମିନି ମାରାଥନ୍



ବ୍ରହ୍ମପୁର/ ଛତ୍ରପୁର(ନିପ୍ର): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ଜାତୀୟ ସଂହତି ପାଇଁ ଦୌଡ଼ ଥିମ ଉପରେ ପର୍ଯ୍ୟବେକ୍ଷିତ ଏକ ମିନି ମାରାଥନ୍ ଆୟୋଜିତ ହୋଇ ଯାଇଛି । ଏହି ମାରାଥନକୁ ଜିଲ୍ଲା କ୍ରୀଡା ଅଧିକାରୀ ତାପସ କୁମାର ସାମଲ ଶୁଭାରମ୍ଭ କରିଥିଲେ । ଏହି ମାରାଥନ୍‌ରେ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନଙ୍କ ସହିତ ସ୍ଥାନୀୟ କ୍ରୀଡ଼ାବିତମାନେ ଅଂଶଗ୍ରହଣ କରିଥିଲେ । ମାରାଥନ୍‌ଟି ଛତ୍ରପୁର ସ୍ପୋର୍ଟସ ଷ୍ଟାଡିୟମ୍ ଠାରୁ ଆରମ୍ଭ ହୋଇ ଜାତୀୟ ସଂହତି ସମ୍ପର୍କିତ ସ୍ଲୋଗାନ ସହ କଲେକ୍ଟରରେଟ, ତଳ ବସଷ୍ଟାଣ୍ଡ, ରିକାପଲ୍ଲୀ, ବଜାର ରୋଡ, ଠାକୁରାଣୀ ମନ୍ଦିର ଦେଇ ପୁନଃ ଛତ୍ରପୁର ସ୍ପୋର୍ଟସ ଷ୍ଟାଡିୟମ୍ ଠାରେ ସମାପ୍ତ ହୋଇଥିଲା ।

# ପୂର୍ବଶତ୍ରୁତାକୁ ନେଇ ଆକ୍ରମଣ, ଜଣେ ଗୁରୁତର

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କୁପାରୀ ଗ୍ରାମରେ ପୂର୍ବଶତ୍ରୁତାକୁ ବିଜୟ ଗିରି ଓ ସଞ୍ଜୟ ଗିରି ତଥା ଅନ୍ୟକିଛି ସହଯୋଗୀଙ୍କ ଆକ୍ରମଣରେ ବଗେଇପୁର ଗ୍ରାମର ଦିପକ ମହାରଣା ଗୁରୁତର ଓ ତାଙ୍କର ଅନ୍ୟ ୨ସହଯୋଗୀ ଆହତ ହୋଇଛନ୍ତି । ଚିକିତ୍ସା ପାଇଁ ତାଙ୍କୁ ଖଇରା ଗୋଷ୍ଠୀ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ପ୍ରାଥମିକ ତଦନ୍ତ ପରେ ଖଇରା ପୋଲିସ ବିଜୟ ଗିରି ଓ ସଞ୍ଜୟ ଗିରିଙ୍କ ସମେତ ଅନ୍ୟ କିଛି ସହଯୋଗୀଙ୍କ ନାମରେ ଏକ ମାମଲା(୭୦/ ୨୬) ରୁଜୁ କରିଛି । ଗୁରୁବାର ସକାଳ ପ୍ରାୟ ୯ଟା ସମୟରେ ଦିପକ ଅନ୍ୟକିଛି ସହଯୋଗୀଙ୍କ ସହ ରାମନବମୀ ଶୋଭାଯାତ୍ରାକୁ ଯାଉଥିବା ବେଳେ ଶୁନ୍ୟମଣ୍ଡପ ନିକଟରେ ବିଜୟ ଓ ତାଙ୍କର ସହଯୋଗୀ ମାନେ ଅଚାନକ ଆକ୍ରମଣ କରିଥିବା ନେଇ ଖଇରା ଥାନାରେ ଅଭିଯୋଗ କରିଥିଲେ ।

# ସେବା ସଂଗଠନର ପ୍ରଥମ ବାର୍ଷିକ ବୈଠକ

ବାରିପଦା(ନିପ୍ର): ସ୍ଥାନୀୟ ରଘୁନାଥପୁର ନିକଟସ୍ଥ ହଦହଦି ଗ୍ରାମରେ ମୟୁରଭଞ୍ଜ ସେବା ସଂଗଠନର ନିଜସ୍ୱ ଗୃହ ପବିତ୍ର ରାମନବମୀ ଅବସରରେ ଉଦଘାଟିତ ହେବାସହ ୧ମ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇ ଯାଇଛି ଓ ଅତିଥି ଭାବେ ଯୋଗଦେଇ ସମାଜସେବୀ ଡଃ ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ଚିତରଞ୍ଜନ ସ୍ୱାଇଁ, ହିମାଂଶୁ ପ୍ରହରାଜ ସଂଗଠନର ନିଜସ୍ୱ ନୂତନ କାର୍ଯାଳୟର ଉଦଘାଟନ କରିଥିଲେ ଓ ଏହି ଅବସରରେ ସଂଗଠନର ସଭାପତି ଚିନ୍ମୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ବୈଠକରେ ସମ୍ପାଦକ ଭରତ ଚନ୍ଦ୍ର ପାତ୍ର ଏକ ବର୍ଷଧରି ସଂଗଠନର କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ ଓ ବର୍ଷତମାମ ସଂଗଠନ ତରଫରୁ ପ୍ରତି ମଙ୍ଗଳବାର ବିଭିନ୍ନ ସ୍ଥାନରେ ଅନ୍ନବଂଟନ, ଖରାଦିନେ ପାନୀୟ ଜଳ ବଂଟନ କରିଯିବା ସହ ସଦସ୍ୟ ମାନେ ନିଜେ ରକ୍ତଦାନ କରିବା ସହ ରକ୍ତଦାନ ଶିବିରର ଆୟୋଜନ କରିଆସୁଛନ୍ତି ବୋଲି ପ୍ରକାଶ କରିଥିଲେ । ତତ୍‌ସହିତ ମୁଖ୍ୟ ପୃଷ୍ଠପୋଷକ ନିଜ ପ୍ରଚେଷ୍ଟାରେ ବହୁ ଗରିବ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଉଛନ୍ତି ବୋଲି ଜଣାଇଥିଲେ । ମୁଖ୍ୟ ପୃଷ୍ଠପୋଷକ ଗଗନ ଚନ୍ଦ୍ର ଦାସ ନିଜ ଗୃହକୁ ସଂଗଠନର କାର୍ଯ୍ୟାଳୟ ପାଇଁ ଦାନ କରିଥିବାରୁ ତାଙ୍କୁ ସଂଗଠନ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ସମାଜରେ ସ୍ଥାନୀୟ ଅଂଚଳର ଯୁବଗୋଷ୍ଠୀ ନିଃସ୍ୱାର୍ଥପର ଭାବେ ସମାଜସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ଅତିଥିଗଣ ପ୍ରକାଶ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ଉପ ସଭାପତି ସନ୍ଦୀପ କୁମାର ନାଥ, କୋଷାଧ୍ୟକ୍ଷ ତନୁଜା ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ହରିଶ ଚନ୍ଦ୍ର ଲେଙ୍କା, ସାଂସ୍କୃତିକ ସମ୍ପାଦକ ରାମେଶ୍ୱର ସିଂ ଓ ଉପଦେଷ୍ଟା ଅରବିନ୍ଦ ମୁଖି ଉପସ୍ଥିତ ରହି ଆଗାମୀ ଦିନରେ ସଂଗଠନର ରୂପରେଖ ଉପରେ ନିଜର ସୁଚିନ୍ତିତ ମତାମତ ଦେଇଥିଲେ ।

# ଦୟାସାଗର ବିଦ୍ୟା ମନ୍ଦିର ଇଂରାଜୀ ମିଡ଼ିଅମ୍ ସ୍କୁଲର ପୁରସ୍କାର ପ୍ରଦାନ ଉତ୍ସବ

କଟକ(ନିପ୍ର): ଯୋବ୍ରା ରାଜ୍ୟ ସାମୁଦ୍ରିକ ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ରାଣୀହାଟ କେନାଲ ରୋଡ ଦୟାସାଗର ବିଦ୍ୟାମନ୍ଦିର ଇଂଲିଶ ମିଡ଼ିଅମ୍ ସ୍କୁଲର ୩୬ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପ୍ରତିମା ଶତପଥୀ, ମୁଖ୍ୟବକ୍ତା ପଣ୍ଡିତ ନୃସିଂହ ଚରଣ ପଣ୍ଡା, ସମ୍ମାନିତ ଅତିଥି ରୂପେ ସସ୍ମିତା ମିଶ୍ର, ଅଧକ୍ଷା ସତ୍ୟପ୍ରିୟା ଦାଶ, ବିଦ୍ୟାଳୟ କମିଟିର ସଭାପତି ପ୍ରତିଭା ମଞ୍ଜରୀ ପଟ୍ଟନାୟକ, ସମ୍ପାଦକ ଡକ୍ଟର ବିପିନ ବିହାରୀ ଶତପଥୀ ଓ ଉପଧକ୍ଷା ଲୋପାମୁଦ୍ରା ପ୍ରମୁଖ ଉପସ୍ଥିତ ହୋଇ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିବା ସହିତ ଆଶୀର୍ବଚନ ପ୍ରଦାନ କରିଥିଲେ ।

# ଆଂଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର




ଜଗତସିଂହପୁର(ନିପ୍ର): ଜଗତସିଂହପୁର ଆଂଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହାୟତା ରେ ଜଗତସିଂହପୁର ବସ ଷ୍ଟାଣ୍ଡ ଠାରେ ଭାରି ଯାନ ଚାଳକ ଙ୍କୁ ନେଇ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ ହୋଇଥିଲା । ଏଥିରେ ଜଗତସିଂହପୁର ଘରୋଇ ବସ ମାଲିକ ସଂଘ କାର୍ଯ୍ୟାଳୟରେ ୩୩ ଜଣ ଭାରି ଯାନ ଚାଳକଙ୍କର ମାଗଣାରେ ଚକ୍ଷୁ ପରିକ୍ଷା କରାଯାଇଥିଲା । ଏଥିରେ କନିଷ୍ଠ ମୋଟରଯାନ ନିରୀକ୍ଷକ ମନୋରମା ମାଝୀ, ଜଗତସିଂହପୁର ଘରୋଇ ବସ ମାଲିକ ସଂଘ ର କର୍ମକର୍ତା ଏବଂ ଆଂଚଳିକ ପରିବହନ କାର୍ଯ୍ୟାଳୟ କର୍ମଚାରୀ ମାନେ ଉପସ୍ଥିତ ରହି ଶିବିରକୁ ଶୃଙ୍ଖଳିତ ସହ ପରିଚାଳନା କରିଥିଲେ । ପରେ ପରେ ପ୍ରବର୍ତନ ବାଧ୍ୟତାମୂଳକ ଯାଂଚ ସହ ୫୨ଟି ଅମାନିଆ ଗାଡ଼ି ଚାଳକଙ୍କଙ୍କ ଚାଲାଣ କଟିଥିଲା ।

# ବିଜେପିରେ ସାମିଲ ହେଲେ ଶତାଧିକ ଯୁବକ



ବ୍ରହ୍ମପୁର(ନିପ୍ର): ଭାରତୀୟ ଜନତା ପାର୍ଟିର କାର୍ଯ୍ୟକଳାପ ରେ ଅନୁପ୍ରାଣିତ ହୋଇ ତଥା ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟଧାରା ରେ ଉପକୃତ ହୋଇ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନମ୍ବର ୧୭ ର ଶତାଧିକ ଯୁବକ ମାନ୍ୟବର ବିଧାୟକ କେ ଅନିଲ କୁମାରଙ୍କ ନେତୃତ୍ୱରେ ସ୍ଥାନୀୟ ଗାନ୍ଧୀ ନଗର ସ୍ଥିତ ବିଧାୟକଙ୍କ କାର୍ଯ୍ୟାଳୟ ଠାରେ ବିଧାୟକଙ୍କ ଉପସ୍ଥିତିରେ ଭାରତୀୟ ଜନତା ପାର୍ଟିର ଉପଢୌକନ ପକାଇ ଦଳ ରେ ସାମିଲ ହୋଇ ଥିଲେ । ଏଥିରେ ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରାୟ ପଚାଶ ରୁ ଅଧିକ ଯୁବକ ତଥା ୧୭ ନମ୍ବର ୱାର୍ଡର କଂଗ୍ରେସ ର ପୂର୍ବତନ କର୍ପୋରେଟର ପାର୍ଥୀ କେ ରବି କୁମାର ଙ୍କ ଶତାଧିକ ଯୁବକ ଭାରତୀୟ ଜନତା ପାର୍ଟି ରେ ସାମିଲ ହୋଇଥିଲେ । ଏହି ମିଶ୍ରଣ ପର୍ବ ରେ ସମାଜସେବୀ କେ ରବି, ବିଧାୟକ ପ୍ରତିନିଧି ଅଶୋକ କୁମାର ଶୁକ୍ଳ, ପ୍ରଦୀପ ନାୟକ, ଶିବ ପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ଶୋଭାଯାତ୍ରାକୁ ନେଇ ବିଧାୟକ ଶସ୍ତା ରାଜନୀତି କରୁଛନ୍ତି : ଦୀପାଳି ଦାସ

ଝାରସୁଗୁଡା(ନିପ୍ର): ଝାରସୁଗୁଡ଼ାର ପ୍ରସିଦ୍ଧ ଶ୍ରୀରାମ ନବମୀ ଶୋଭାଯାତ୍ରା ସମୟରେ ବିଭିନ୍ନ ବିଶୃଙ୍ଖଳା କୁନେଇ ପୂର୍ବତନ ବିଧାୟିକା ଦୀପାଳୀ ଦାସ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ସମାଲୋଚନା କରିଛନ୍ତି । ବିଧାୟକ ତ୍ରିପାଠୀଙ୍କୁ ତୀବ୍ର ସମାଲୋଚନା କରି ପୂର୍ବତନ ବିଧାୟିକା ଦୀପାଳୀ ଦାସ କହିଛନ୍ତି ଯେ, ନିଜର ଶସ୍ତା ଲୋକପ୍ରିୟତା ଓ ଶକ୍ତି ପ୍ରଦର୍ଶନ ପାଇଁ ବିଧାୟକ ତ୍ରିପାଠୀ ଝାରସୁଗୁଡ଼ାର ବର୍ଷ ବର୍ଷର ସାଂସ୍କୃତିକ ପରମ୍ପରାରେ ବିଶୃଙ୍ଖଳା ସୃଷ୍ଟି କରିଛନ୍ତି । ବିଧାୟକଙ୍କ ଶୋଭାଯାତ୍ରା ଯୋଗୁଁ ବିଭିନ୍ନ ଆଖଡ଼ା ଦଳ ନିଜର ପ୍ରଦର୍ଶନ ସମ୍ପୂର୍ଣ୍ଣ କରିପାରିଲେ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି । ଯାହା ଫଳରେ ଅଂଚଳବାସୀ ଶୋଭାଯାତ୍ରାକୁ ଉପଭୋଗ କରିପାରିଲେ ନାହିଁ ଓ ଏପରିକି ଜନସାଧାରଣ ବିଧାୟକଙ୍କୁ ଦେଖିବାକୁ ଆସିନଥିଲେ ରାମନବମୀ ଶୋଭାଯାତ୍ରା ଦେଖିବାକୁ ଆସିଥିଲେ ବୋଲି ଦୀପାଳି କହିଛନ୍ତି । ଶୋଭାଯାତ୍ରା ସମୟରେ ହନୁମାନ ଅଭିନୟ କରୁଥିବା ଯୁବକଙ୍କୁ ତଳେ ବସାଇ ନିଜେ ଉପରେ ରହି ଧାର୍ମିକ ମନୋଭାବକୁ ବିଧାୟକ ତ୍ରିପାଠୀ କ୍ଷୁର୍ଣ୍ଣ କରୁଥିଲେ । ଏହା ସହିତ ତାଙ୍କର ଶୋଭାଯାତ୍ରାର ଆଗ ରେ ଯଥେଷ୍ଟ ଖାଲି ଥିବା ବେଳେ ସେ ନିଜେ ଜାଣିଶୁଣି ପଛରେ ଥିବା ଶୋଭାଯାତ୍ରା ବା ଆଖଡ଼ା ଦଳ କୁ ଆଗକୁ ଆସି ଦେଉନ ଥିଲେ । ବିଧାୟକ ତ୍ରିପାଠୀଙ୍କ ଏପରି ହୀନମନ୍ୟତା ଆଚରଣର ଜବାବ ଝାରସୁଗୁଡା ବାସୀ ଆଗାମୀ ଦିନ ରେ ନିଶ୍ଚିତ ଭାବରେ ଦେବେ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ବୋଲି ପୂର୍ବତନ ବିଧାୟିକା ଦୀପାଳୀ ଦାସ ନିଜ ମନ୍ତବ୍ୟ ରେ ପ୍ରକାଶ କରିଛନ୍ତି ।

# ବିପୁଳ ଉତ୍ସାହ ଓ ଉଦ୍ଦୀପନାର ସହ ବାର୍ଷିକୋତ୍ସବ 'ଉଡାନ' ପାଳିତ



ତାଳଚେର(ନିପ୍ର): ଡି. ଏ.ଭି. ପବ୍ଲିକ ସ୍କୁଲ ଏମ୍. ସି.ଏଲ କଳିଙ୍ଗ କ୍ଷେତ୍ରରେ ବିପୁଳ ଉତ୍ସାହ ଓ ଉଦ୍ଦୀପନାର ସହ ବାର୍ଷିକୋତ୍ସବ 'ଉଡାନ' ପାଳିତ ହୋଇ ଯାଇଅଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଏମ.ସି.ଏଲ. ହିଙ୍ଗୁଳା କ୍ଷେତ୍ରର ମହା ପ୍ରବନ୍ଧକ ତଥା ବିଦ୍ୟାଳୟର ଏଲ.ଏମ.ସି. ସଭାପତି ସୁନୀଲ ବସନ୍ତରାଓ ଯୋଶୀ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ, ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ମହା ପ୍ରବନ୍ଧକ ମହୋଦୟ ମତ ବ୍ୟକ୍ତ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ପୂର୍ବ ଅପେକ୍ଷା ବର୍ତମାନ ଶିକ୍ଷା ପଦ୍ଧତିରେ ଖୁବ ପରିବର୍ତନ ପରିଲକ୍ଷିତ ହେଉଛି ଏବଂ ବର୍ତମାନ ଛାତ୍ରଛାତ୍ରୀଙ୍କର ଶିକ୍ଷା ସହିତ ଉତମ ବ୍ୟକ୍ତିତ୍ୱ ଓ ଉତମ ଚରିତ୍ର ଗଠନ ହେବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସେ ବିଦ୍ୟାଳୟର ଗୌରବରେ ସନ୍ତୋଷ ପ୍ରକାଶ କରି ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିଶିଷ୍ଟ ଅତିଥି ରୂପେ ପ୍ରତିଭା ମହିଳା ମଣ୍ଡଳର ସଭାପତି ଅସ୍ମିତା ଯୋଶୀ ଯୋଗଦାନ କରି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ । ବିଦ୍ୟାଳୟର ଅଧକ୍ଷ ତଥା ସହାୟକ ଆଂଚଳିକ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା ମହୋଦୟ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିବା ଅବସରରେ ଛାତ୍ରଛାତ୍ରୀମାନଙ୍କର ଉଲ୍ଲେଖନୀୟ ସଫଳତା ବିଷୟରେ ଅବଗତ କରାଇବା ସହ ଛାତ୍ରଛାତ୍ରୀଙ୍କ ବିକାଶ କ୍ଷେତ୍ରରେ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଗଣ ଏବଂ ଅଭିଭାବକମାନଙ୍କ ଉଦ୍ୟମର ଉଚ୍ଚକୋଟୀର ପ୍ରଶଂସା କରିଥିଲେ । ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀମାନେ ହେଉଛନ୍ତି ବିଦ୍ୟାଳୟର ଗର୍ବ ଏବଂ ଗୌରବ, ସେମାନଙ୍କ ଉନ୍ନତି ପାଇଁ ଆମ୍ଭେମାନେ ସଦାସର୍ବଦା ପ୍ରଯତ୍ନ କରୁଥିବାର ସୂଚନା ପ୍ରଦାନ କରିଥିଲେ । ଏହି ବର୍ଣ୍ଣାଢ୍ୟ ଉତ୍ସବରେ ପ୍ରଥମ କରି ଇଓ ଉଦଘୋଷିକା ପ୍ରସ୍ତୁତ କରାଯାଇଥିଲା, ଯିଏକି ତିନି ମିନିଟ ଧରି ବିଦ୍ୟାଳୟ ବିଷୟରେ ବିବରଣୀ ପ୍ରଦାନ କରିଥିଲେ । ବିଦ୍ୟାଳୟ ପରିସରରେ ବାଲବାଟିକା-୧ ଠାରୁ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରତି ଶ୍ରେଣୀ ତରଫରୁ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ଏହି ଉତ୍ସବରେ ପ୍ରତିଭା ମହିଳା ମଣ୍ଡଳର ସଦସ୍ୟାଗଣ, ଏହି ଅଂଚଳର ବିଭିନ୍ନ ଶ୍ରମିକ ସଂଗଠନର ନେତୃବୃନ୍ଦ, ଅନୁଗୁଳ ଜିଲ୍ଲାର ବିଭିନ୍ନ ଉଇଠ ବିଦ୍ୟାଳୟର ଅଧକ୍ଷ ଏବଂ ଅଧକ୍ଷାଗଣ, ଏମ.ସି.ଏଲ.ର ବହୁ ବରିଷ୍ଠ ଅଧିକାରୀଗଣ ଏବଂ ବହୁ ବ୍ୟକ୍ତି ବିଶେଷ, ଆଂଚଳିକ ଜନ ପ୍ରତିନିଧିମାନେ ଯୋଗଦାନ କରି ଉତ୍ସବକୁ ଗୌରବ ମଣ୍ଡିତ କରିଥିଲେ । ଏହି ଉତ୍ସବରେ ବିଦ୍ୟାଳୟର ବାର୍ଷିକ ପତ୍ରିକା 'ଦ ହରାଇଜନ' ଉନ୍ମୋଚନ କରାଯାଇଥିଲା । ଏହି ଉତ୍ସବର ମୁଖ୍ୟ ଅତିଥି ଏମ.ସି.ଏଲ. ହିଙ୍ଗୁଳା କ୍ଷେତ୍ରର ମହା ପ୍ରବନ୍ଧକ ମହୋଦୟ ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ ପାରଦର୍ଶିତା ଲାଭ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଛାତ୍ରଛାତ୍ରୀମାନେ ଦେଶର ମେରୁଦଣ୍ଡ । ସେମାନଙ୍କର ପରିଶ୍ରମ, ନିଷ୍ଠା ଓ ଏକାଗ୍ରତା ତାଙ୍କୁ ସଫଳତାର ଶୀର୍ଷରେ ପହଂଚାଇ ପାରିବ ବୋଲି କାମନା କରି ଷ୍ଟୁଡେଂଟ ଅଫ ଦି ଇୟର , ରାଇଜିଙ୍ଗ ଷ୍ଟାର, ସ୍ମାଟେଷ୍ଟ କିଡ଼, କିଡ଼ ଅଫ ଦି ଇୟର, ଲିଟେରାରୀ ଆୱାର୍ଡ଼ , ସିସିଏର ବେଷ୍ଟ ହାଉସ ଏହିପରି ବିଭିନ୍ନ ପୁରସ୍କାର ପ୍ରଦାନ କରି ଛାତ୍ରଛାତ୍ରୀମାନଙ୍କୁ ସମ୍ମାନୀତ କରିଥିଲେ । ତାଙ୍କର ଅକୁଣ୍ଠିତ ଯୋଗଦାନ ଅତ୍ୟନ୍ତ ପ୍ରଶଂସନୀୟ । ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଶ୍ରେଣୀ ତରଫରୁ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ, ଗୀତ ଏବଂ ନାଟକ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷକ ପ୍ରଭାରୀ ଶ୍ରୀମତୀ ଇତିଶ୍ରୀ ସାମଲଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା ।



# ଓଡ଼ିଶା ଉଦ୍ୟୋଗୀ ପରିବାରର ୫ମ ବାର୍ଷିକ ଉତ୍ସବ ଅନୁଷ୍ଠିତ




ଭୁବନେଶ୍ୱର : ଓଡିଶା ଉଦ୍ୟୋଗୀ ପରିବାର ୫ମ ବାର୍ଷିକ ସମାରୋହ ତଥା ସମ୍ବର୍ଦ୍ଧନା ଏବଂ ଆଲୋଚନା ସଭା କାର୍ଯ୍ୟକ୍ରମ ସ୍ଥାନୀୟ ହୋଟେଲ ସ୍ୱସ୍ତି ଠାରେ ଅନୁଷ୍ଠିତ ହୋଇ ଯାଇଛି । ବିଜେପି ଆଇ ଟି ସେଲ ମୁଖ୍ୟ ଜ୍ୟୋତି ରଞ୍ଜନ ନାୟକ ଓ ଉଦ୍ୟୋଗୀ ପରିବାର ର ସଭାପତି ଶିବ ନାରାୟଣ ମିଶ୍ରଙ୍କ ପୌରହିତ୍ୟ ଓ ସଭାପତିତ୍ୱ ତଥା ଶ୍ରୀକାନ୍ତ ଶେଖର ସାହୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଉଦଘାଟନ ହେବା ସହିତ ଉଦ୍ୟୋଗ ଓ ଉଦ୍ୟମୀ ସନ୍ଦର୍ଭ ଗୁଜୁରାଟ, ମହାରାଷ୍ଟ୍ର ଭଳି ରାଜ୍ୟରେ ଯେପରି ଯୁବ ଶକ୍ତି ଉଦ୍ୟମୀ ମନୋଭାବ ନେଇ ଶିଳ୍ପ ଓ ଉଦ୍ୟୋଗ ପ୍ରତିଷ୍ଠା କରି ଚାଲିଛନ୍ତି । ଓଡିଶା ରେ ମଧ ସେହିପରି ଘରେ ଘରେ ଉଦ୍ୟୋଗୀ ସୃଷ୍ଟି କରିବାର ସଂକଳ୍ପ ନେଇ ଓଡିଶା ଉଦ୍ୟୋଗୀ ପରିବାର ରାଜ୍ୟରେ ଯୁବ ପିଢୀଙ୍କୁ ଉଦ୍ୟୋଗ ପ୍ରତି ଆକର୍ଷିତ କରିବା ସହ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଆବଶ୍ୟକ ଭିତିଭୂମି, ସମ୍ବଳ, ଜ୍ଞାନ କୌଶଳ ଓ ବଜାର ଯୋଗାଇବା ଭଳି କାର୍ଯ୍ୟକ୍ରମ ଦୀର୍ଘ ଦିନ ଧରି କରି ଆସୁଛି । ଓଡିଶା ର ଉଦ୍ୟୋଗୀ ମାନଙ୍କ ସମ୍ମାନ ସୁରା। ଓ ସମୃଦ୍ଧିକୁ ପ୍ରାଥମିକତା ଦେଇ ଆସିଛି । ଘରେ ଘରେ ଉଦ୍ୟୋଗ ସୃଷ୍ଟି ପାଇଁ ଏକ ଉଦ୍ୟୋଗୀ ବନ୍ଧୁ ବାତାବରଣ ସୃଷ୍ଟି ସହ ଏହି କ୍ଷେତ୍ରରେ ଆସୁଥିବା ବାଧାବିଘ୍ନ କୁ ସମୁଖୀନ ସହ ସମାଧାନ ପାଇଁ ସଂକଳ୍ପ ନେଇଛି ଉଦ୍ୟୋଗୀ ପରିବାର । ଏଥି ସହିତ ବର୍ତ୍ତମାନ ଉଦ୍ୟୋଗୀ ମାନଙ୍କୁ ଜମି ଗ୍ରହଣ ଠାରୁ ଉତ୍ପାଦ ବିକ୍ରୀ କରି ସଶକ୍ତ ହେବା ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟା ସମାଧାନ ଓ ପ୍ରୋତ୍ସାହନ ଗେତ୍ରରେ ଥିବା ସରକାରୀ ସୁବିଧା ସହ ସଂଗଠନର ନିଜସ୍ୱ ସୁବିଧା ଯୋଗାଇଦେବା ଗେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଓଡିଶା ଉଦ୍ୟୋଗୀ ପରିବାର ର ବାର୍ଷିକ ପତ୍ରିକା କୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ଉକ୍ତ ବାର୍ଷିକ ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ସଫଳ ଉଦ୍ୟୋଗୀ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନ ରେ 'ଉପଦେଷ୍ଟା ଓ ବିଶେଷଜ୍ଞଙ୍କ ମାଧ୍ୟମରେ ଉଦ୍ୟୋଗର ସଶକ୍ତିକରଣ ଏବଂ ଭବିଷ୍ୟତର ସ୍ଥାୟିତ୍ୱ ' ଶୀର୍ଷକ ଆଲୋଚନାରେ ଜାଭିଅର ୟୁନିଭରସିଟିର ପ୍ରଫେସର ଡ଼ଃ ଡି ୱାୟୀ ରାମନା, ଡିଜିଏମ ସିଡବି ଡ଼ଃ ପ୍ରଦ୍ୟୁମ୍ନ ଚୌଧୁରୀ, ଜ୍ୟୋତିଷ ଶାସ୍ତ୍ର ଅର୍ଥନୀତି ଓ କୃତ୍ରିମ ବୁଦ୍ଧିମତା ବିଶେଷଜ୍ଞ ଡ଼ଃ ବ୍ରହ୍ମଚାରୀ, ଲେଖିକା ସୁନିତ ମୁଣ୍ଡ, ମହିଳା ସଶକ୍ତିକରଣ ନେତୃତ୍ୱ ପରିଚୟ ଫାଉଣ୍ଡେସନ ସଭାପତି ଡ଼ଃ ରୋଜାଲିନ ପାଟଶାଣୀ, ମହିଳା ଅଧିକାର ଅଭିଯାନ ଆବାହିକା ଡ଼ଃ ରୀନା ରାଉତରାୟ,ସ୍ୱାଭିମାନ ଓଡିଶା ର ଅଧ୍ୟା ସଦାଶିବ ମିଶ୍ର, ପ୍ରଦ୍ୟୁମ୍ନ ଚୌଧୁରୀ, ଅତିଥି ବକ୍ତା ଭାବେ ପୂର୍ବତନ ବିଧାୟକ ପ୍ରିୟ ଦର୍ଶୀ ମିଶ୍ର ପ୍ରମୁଖ ବିଶେଷଜ୍ଞ ଓ ସଂସାଧନ ବ୍ୟକ୍ତିତ୍ୱ ମାନେ ଉଦ୍ୟୋଗ ବିକାଶ ଗେତ୍ରରେ ତାଙ୍କର ଉପଯୋଗୀ ମନ୍ତବ୍ୟ ପ୍ରଦାନ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଗେତ୍ରରେ ଉଦାହରଣ ସୃଷ୍ଟି କରିଥିବା ଅନେକ ଯୁବଉଦ୍ୟୋଗୀ ଯୋଗ ଦେଇଥିଲେ । ଏ ବର୍ଷର ଶ୍ରେଷ୍ଠ ଉଦ୍ୟୋଗୀ ପୁରସ୍କାର ଭୁପେନ୍ଦ୍ର ପ୍ରତାପ ସିଂ, ସର୍ବାଧିକ ଉଦ୍ୟୋଗ ବଜାର ସହଯୋଗୀ ପୁରସ୍କାର ଅଭିଜିତ ପଣ୍ଡା, ବିଷ୍ଣୁ ମହାରଣା ଙ୍କୁ ସର୍ବାଧିକ ପ୍ରୋତ୍ସାହନ କାରି ପୁରସ୍କାର ପ୍ରଦାନ ସହ ରମେଶ ଚନ୍ଦ୍ର ସାହୁ, ଭବାନନ୍ଦ ଦାସ, ଅର୍ଜୁନ ମହାରଣା, ସୀତାଂଶୁ ଶେଖର ମହାରଣା,ସରୋଜ ପାତ୍ର, ଲମ୍ବୋଦର ମହାରଣା ପ୍ରମୁଖ ୧୫ ଜଣ ବିଶିଷ୍ଟ ଉଦ୍ୟୋଗୀଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା । ଅନ୍ୟ ରାଜ୍ୟକୁ ରୋଜଗାର ଅନ୍ୱେଷଣ ରେ ନଯାଇ ରାଜ୍ୟରେ ଥିବା ସମ୍ବଳ ଓ ସୁଯୋଗ ନେଇ ଉଦ୍ୟୋଗୀ ହେବା ପାଇଁ ଆଗାମୀ ଯୁବପିଢୀଙ୍କୁ ଦିଗଦର୍ଶନ ଦେବ । କାର୍ଯ୍ୟକ୍ରମ କୁ ସୀତାଂଶୁ ଶେଖର ମହାରଣା, ମନୋରଞ୍ଜନ ବାରିକ ପ୍ରମୁଖ ଉଦ୍ୟୋଗୀ ପରିବାର ସଦସ୍ୟ ପରିଚାଳନା କରିଥିଲେ ।

# ମଝିପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଓ ପୁରସ୍କାର ବିତରଣ ଉତ୍ସବ-୨୦୨୬

ସୁବର୍ଣ୍ଣପୁର : ମଝିପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ-୨୦୨୬ ବିଦ୍ୟାଳୟ ପରିଚାଳନା କମିଟୀ ସଭାପତି ଶ୍ରୀମତୀ ସଂଯୁକ୍ତା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ସୋନପୁର ପୌର ପରିଷଦର ପୁର୍ବତନ ନଗରପାଳ ତଥା କାଉନ୍ସିଲର ଶ୍ରୀ କଇରୁ ସ୍ୱାଇଁ ମୁଖ୍ୟ ଅତିଥି ଏବଂ ଶ୍ରୀ ବୁଦ୍ଧଦେବ ସା, ସି.ଆର୍.ସି.ସି., ଗଡ଼ଭିତର ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀମତୀ ମିନାକ୍ଷୀ ନାଏକ ବାର୍ଷିକ ବିବରଣୀ ପଠନ କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ଜୟଶ୍ରୀ ପଧାନ ସଭାମଂଚ ପରିଚାଳନା କରିଥିଲେ । ଚଳିତ ବର୍ଷ ବିଦ୍ୟାଳୟର ବିଜ୍ଞାନ ପ୍ରଦର୍ଶନୀ, ଗଣିତ ମେଳା, ମାତୃଭାଷା ଦିବସ ସମତେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ । ସଭା ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ନାଚ, ଗୀତ ପରିବେଷଣ କରାଯାଇଥିଲା । ଉତ୍ସବରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ମମତା ଶତପଥ, ଶ୍ରୀମତୀ ଗୀତାଞ୍ଜଳୀ ତାଣ୍ଡି ଏବଂ ଶ୍ରୀମତୀ ଅଞ୍ଜଳୀ ମାହାଣା ସହଯୋଗ କରି ଉତ୍ସବକୁ ସଫଳ କରିଥିଲେ ।

# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି

ସମ୍ବଲପୁର : ଚଳିତ ବର୍ଷ ଜିଲ୍ଲା ସ୍ତରୀୟ ଓଡିଶା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ପରିସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରିଣୀ ସଞ୍ଜୁକ୍ତା କୁଲୁ ଚଳିତ ବର୍ଷ ଓଡିଶା ଦିବସ ପାଳନ ସଂପର୍କରେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । ବୈଠକର ନିଷ୍ପତି ଅନୁସାରେ ଚଳିତ ବର୍ଷ ଜିଲ୍ଲାସ୍ତରୀୟ ଓଡିଶା ଦିବସ ସମ୍ବଲପୁର ସ୍ଥିତ ତପସ୍ୱିନୀ ସମ୍ମିଳନୀ କକ୍ଷ ଠାରେ ପାଳନ କରାଯିବ । ଏପ୍ରିଲ ୧ ତାରିଖ ପ୍ରତ୍ୟୁଷରୁ ସମ୍ବଲପୁର ସହରର ବିଭିନ୍ନ ଅଂଚଳରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରାଯିବ । ପରେ ସହରରେ ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ଓ ପ୍ରମୁଖ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯିବ । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଲୋକମାଳାରେ ସୁସଜ୍ଜିତ କରାଯିବ ବୋଲି ନିଷ୍ପତି ନିଆଯାଇଛି । ପୂର୍ବାହ୍ନ ୧୦ ଘଟିକା ସମୟରେ ତପସ୍ୱିନୀ ସମ୍ମିଳନୀ କକ୍ଷ ଠାରେ ସାଧାରଣ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ, ଏଥିରେ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିପାରିବେ । ଅନୁଷ୍ଠିତ ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଉତ୍ସବର ଆୟୋଜିତ କାର୍ଯ୍ୟକ୍ରମ ଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ ବୋଲି ନିଷ୍ପତି ଶୁଣାଇଥିଲେ । ଏଥିସହ ସମ୍ମିଳନୀ କକ୍ଷ ସାଜସଜ୍ଜା, ଶାନ୍ତିଶୃଙ୍ଖଳା ରକ୍ଷା, ପାନୀୟଜଳ ଯୋଗାଣ, ଅଗ୍ନିଶମ ସେବା ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ଅସ୍ଥାୟୀ ଶିବିର, ଆମ୍ବୁଲାନ୍ସ ବ୍ୟବସ୍ଥା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା । ସୂଚନାନୁଯାୟୀ ରାଜ୍ୟ ପଂଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ।

# ପ୍ରଥମ ଡିଜିଟାଲ ଜନଗଣନା ନିମନ୍ତେ ପ୍ରଶିକ୍ଷଣ ଶିବିର

ଧର୍ମଶାଳା : ମହାମାରୀ କୋଭିଡ ପାଇଁ ଜନଗଣନା କାର୍ଯ୍ୟକ୍ରମ ସ୍ଥଗିତ ହୋଇଥିଲା । ତେବେ ଚଳିତ ବର୍ଷ ଆରମ୍ଭ ହେବାକୁ ଯାଉଛି ଡିଜିଟାଲ ମାଧ୍ୟମରେ ଜନଗଣନା । ଏହି ଜନଗଣନାକୁ ନେଇ ଶିକ୍ଷକ/ଶିକ୍ଷୟିତ୍ରୀ ଓ ସରକାରୀ କର୍ମଜାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି । ଏହି କ୍ରମରେ ଯାଜପୁର ଜିଲା କଳଣସ୍ଥିତ ଆଦର୍ଶ ମହାବିଦ୍ୟାଳୟ ପରିସରରେ ଏକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଏହି ଶିବିର ଆଜିଠାରୁ ଆରମ୍ଭ ହୋଇ ଏପ୍ରିଲ ମାସ ୭ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଆଜିର ଏହି କାର୍ଯ୍ୟକ୍ରମକୁ ରସୁଲପୁର ତହସିଲଦାର ତଥା ସେନସକ୍ସ ଅଫିସର ସିଦ୍ଧାର୍ଥ କୁମାର ବେହେରା ଉଦଘାଟନ କରିଥିଲେ

# କୋରାପୁଟ ଜିଲ୍ଲାର ମାଳମାଳ ଜଳସେଚନ ପ୍ରକଳ୍ପ

ଜୟପୁର : ଖୋଲା ମେଲା ରେ ଅସୁରକ୍ଷିତ ଅବସ୍ଥାରେ କୋରାପୁଟ ଜିଲ୍ଲାର ମାଳମାଳ ଡ୍ୟାମ୍ ଅଂଚଳ । ବିପଦରେ ପର୍ଯ୍ୟଟକଙ୍କ ସହ ସ୍ଥାନୀୟ ବାସିନ୍ଦାଙ୍କ ଜୀବନ । ରୋଜଗାରରୁ ବଂଚିତ ଶହ ଶହ ସୁରକ୍ଷା କର୍ମୀ । ଭଗବାନ ଭରସାରେ କୋଟି କୋଟି ଟଙ୍କାର ଯନ୍ତ୍ରାଂଶ ।କୋରାପୁଟ ଜିଲାରେ ରହିଥିବା ବିଶାଳ ତିନୋଟି ଜଳସେଚନ ପ୍ରକଳ୍ପ ଓ ବିଦ୍ୟୁତ ପ୍ରକଳ୍ପ ରହିଛି । କୋଲାବ, ସତିଗୁଡା, ତେଲେଙ୍ଗିରି ପ୍ରକଳ୍ପ । ବର୍ତ୍ତମାନ ଟେଣ୍ଡର ଅବଧି ସରିବା ପରେ ସୁରକ୍ଷାକର୍ମୀଙ୍କୁ ପ୍ରତ୍ୟାହାର କରି ନିଆଯାଇଛି । ଦୀର୍ଘ ଦିନ ହେଲା ଖୋଲାମେଲାରେ ରହିଛି ଏହି ସମସ୍ତ ଡ୍ୟାମ୍ । ଏଥିଯୋଗୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଅଂଚଳରେ ଅସାମାଜିକଙ୍କ ଆଡା ଜମୁଛି । ଡ୍ୟାମ ଦେଇ ରାତିରେ ଯିବାଆସିବା କରିବାକୁ ଲୋକେ ଭୟ କରୁଛନ୍ତି କ୍ଷ ତା' ସହିତ ବର୍ତମାନର ରକ୍ଷଣ ବେକ୍ଷଣ ଅଭାବରୁ ପର୍ଯ୍ୟଟକଙ୍କ ପାଇଁ କରାଯାଇଥିବା ସମସ୍ତ ଯୋଜନା ଏବେ ଖତ ଖାଉଛି । କେଉଁଠି ଘାସ ଲଟା ତ ଆଉ କେଉଁଠି ୱାଚ ଟାୱାର ର ଲାଇଟ ଝୁଲା ଅବସ୍ଥାରେ ରହିଛି କ୍ଷ ଖାଲି ଏତିକି ନୁହେଁ ବର୍ତମାନ ଏହି ୩ଟି ଯାକ ପ୍ରକଳ୍ପରେ ସୁରକ୍ଷାରେ ନିୟୋଜିତ ଥିବା ପ୍ରାୟ ୬୦ରୁ ଅଧିକା କର୍ମଚାରି ଏବେ ରୋଜାଗାର ହରାଇ ଦିଗହରା ହୋଇ ରହିଛନ୍ତି । ଖାଲି ଏତିକି ନୁହେଁ ବର୍ତମାନ ବିଶାଳ ଜଳ ଭଣ୍ଡାରରେ ଦୁର୍ଘଟଣାର ଭୟ ସହିତ କୋଟି କୋଟି ଟଙ୍କାର ଯନ୍ତ୍ରାଂଶ ବି ଚୋରୀ ହୋଇ ଯିବାର ଭୟ ରହିଛି, ଯଦି ଆଗାମୀ ଦିନରେ ଏଠି କୌଣସି ଘଟଣା ଦୁର୍ଘଟଣାକୁ ଏଡାଇ ଦିଆଯାଇ ନପାରେ କ୍ଷ ଅନ୍ୟପଟେ ଦେଖିବାକୁ ଗଲେ ସମସ୍ତ ପ୍ରକଳ୍ପର ଦାୟିତ୍ୱରେ ଥିବା ଅଧିକାରୀ କୋଲାବ ମୁଖ୍ୟ ଯନ୍ତ୍ରୀ ଯୁଗଳ କିଶୋର ଖଟୁଆ କହିଛନ୍ତି ଯେ, ଏହି ସବୁ ପ୍ରକଳ୍ପର ସୁରକ୍ଷା ଯୋଗାଇଦେବା ପାଇଁ ପ୍ରତିବର୍ଷ ଟେଣ୍ଡର ଆହ୍ୱାନ କରାଯାଉଛି ଓ ଯେଉଁ ସଂସ୍ଥା ଏହି ଟେଣ୍ଡର ପାଉଛି ସେହି ସଂସ୍ଥା ସୁରକ୍ଷା ପାଇଁ କର୍ମଚାରୀ ଯୋଗାଉଛି । ବର୍ତ୍ତମାନ ତାହାର ଅବଧି ସରି ଯାଇଛି ଆଉ ବର୍ତମାନ ସରକାରଙ୍କ ଫାଇନାନ୍ସ ଡିପାର୍ଟମେଂଟ ତରଫରୁ ଆମକୁ ନିର୍ଦ୍ଦେଶ ଦିଆଯାଇଛି କି ଯଦି ଆଗାମୀ ଦିନରେ କୌଣସି ପ୍ରକାର ସୁରକ୍ଷା ଯୋଗାଉଥିବା ସଂସ୍ଥାକୁ ସୁରକ୍ଷା ବାବଦକୁ ଟେଣ୍ଡର ଆହ୍ୱାନ କରାଯାଏ ତେବେ ତା' ପୂର୍ବରୁ ଅନୁମତି ନେବେ ଯଦି ଅନୁମତି ମିଳିବ ତେବେ ଆପଣ ଟେଣ୍ଡର ଆହ୍ୱାନ କରିବେ । ଏଥିରେ ଜଳସେଚନ ବିଭାଗର କୌଣସି ଭୂମିକା ନାହିଁ, ସରକାର ଦେଲେ ଆମେ ଦେବୁ ଆଉ ଆମେ କାହାକୁ ବାହାର କରିନୁ ସମସ୍ତ ସୁରକ୍ଷା କର୍ମଚାରୀଙ୍କୁ ତାଙ୍କ ସଂସ୍ଥା ବାହାର କରିଛି । ଆଉ ବର୍ତମାନ ଆମର ଅନ୍ୟ କର୍ମଚାରୀଙ୍କୁ ଆମେ ନେଇ ଆମ କାମ ଚଲାଉଛୁ । ବର୍ତମାନ ସବୁଠାରୁ ବଡକଥା କି ଆଉ କେତେଦିନ ଏମିତି ଅସୁରକ୍ଷିତ ଅବସ୍ଥାରେ ପଡି ରହିବ ଏହି ସବୁ ପ୍ରକଳ୍ପ ଆଉ କେତେଦିନ ନିଜ ପେଟପାଟଣାରୁ ବଂଚିତ ରହିବେ ସୁରକ୍ଷା କର୍ମୀ କ୍ଷ ତୁରନ୍ତ ସରକାର ପଦକ୍ଷେପ ନେବା ପାଇଁ ଦାବିହୋଇଛି

# ଚତୁର୍ଥ ତମ ଚବିଶ ପ୍ରହରୀ ନାମଯଜ୍ଞ ଭବ୍ୟ କଳସ ଶୋଭାଯାତ୍ରାରେ ଭକ୍ତିମୟ ପରିବେଶ

ବଲାଙ୍ଗୀର : ବଲାଙ୍ଗୀର ସୁଦପଡା ରାଧାକୃଷ୍ଣ ମନ୍ଦିର ପୂଜା କମିଟି ତରଫରୁ ଆରମ୍ଭ ହୋଇଛି ଚତୁର୍ଥ ତମ ଚବିଶ ପ୍ରହରୀ ନାମଯଜ୍ଞ । ଚଳିତ ବର୍ଷ ଏହି ନାମଯଜ୍ଞକୁ ଆକର୍ଷଣୀୟ କରିବାକୁ ସବୁମତେ ଉଦ୍ୟମ କରାଯାଇଛି । ଆଜି ଅପରାହ୍ନରେ ଏକ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସୁଦପଡା ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରୁ ଘଂଟ ବାଦ୍ୟ, ଡିଜେ ଓ ବାଦ୍ୟ ଶୋଭାଯାତ୍ରାରେ ନାମଯଜ୍ଞ କର୍ତା ଶ୍ରୀମତୀ ବାସନ୍ତୀ ବେହେରା ଓ ଦୁର୍ଗାଚରଣ ବେହେରାଙ୍କ ସମେତ ବଲାଙ୍ଗୀର ପୌରାଧକ୍ଷା ଶ୍ରୀମତୀ ଲିକା ସାହୁ, ଅନ୍ୟତମ କର୍ତା ଶ୍ରୀମତୀ ଲତା ଖରସେଲ, ସୁବଳ ଚନ୍ଦ୍ର ଖରସେଲ, ଶ୍ରୀମତୀ ରଜନୀ ସାହୁ ଓ ସୂର୍ଯ୍ୟ ସାହୁଙ୍କ ସହ ପାଂଚଶହ ରୁ ଅଧିକ ମହିଳା କଳସ ଶୋଭାଯାତ୍ରାରେ ଯାଇ ଟିକ୍ରାପଡା ସ୍ଥିତ ରାଣୀ ବନ୍ଧ ରୁ କଳସ ବୁଡେଇ ସହର ପରିକ୍ରମା କରି ଫେରିଥିଲେ । ଆସନ୍ତାକାଲି ସକାଳୁ ନାମ ସଂକୀର୍ତନ ଆରମ୍ଭ ହେବ । ୨୯ତାରିଖରେ ପୂର୍ଣ୍ଣାହୁତି ହେବବୋଲି ସୁଦପଡା ରାଧାକୃଷ୍ଣ ମନ୍ଦିର ପୂଜା କମିଟି ତରଫରୁ କୁହାଯାଇଛି । ପଶ୍ଚିମ ଓଡିଶା ର ବଛା ବଛା ସଂକୀର୍ତନ ଦଳଙ୍କୁ ନିମନ୍ତ୍ରଣ କରାଯାଇ ଥିବାବେଳେ ପ୍ରତ୍ୟହ ପ୍ରସାଦ ସେବନର ବ୍ୟବସ୍ଥା ରହିଛି । ଭକ୍ତ ବୃନ୍ଦ ଏହି ନାମ ସଂକୀର୍ତନ ରେ ଅଂଶ ଗ୍ରହଣ କରି ପ୍ରଭୁକୃପା ଲାଭ କରିବାକୁ କମିଟି ତରଫରୁ ଅନୁରୋଧ କରାଯାଇଛି ।

# 'ହିନ୍ଦୀ ସାହିତ୍ୟରେ ବିମର୍ଶର ସ୍ୱର' ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର

ବଲାଙ୍ଗିର : ସରକାରୀ ମହିଳା ମହାବିଦ୍ୟାଳୟରେ ସ୍ନାତକ ହିନ୍ଦୀ ବିଭାଗ ତରଫରୁ 'ହିନ୍ଦୀ ସାହିତ୍ୟରେ ବିମର୍ଶର ସ୍ୱର' ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ଆଜି ଅନୁଷ୍ଠିତ ହୋଇଯାଇଛି ଓ ଉକ୍ତ କାର୍ଯ୍ୟକ୍ରମଟି ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଅରବିନ୍ଦ କୁମାର ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ଅଧ୍ୟକ୍ଷ ନିଜେ ସ୍ୱାଗତ ସମ୍ଭାଷଣ ରଖିଥିଲେ ଓ ଏହି ଅବସରରେ ଡଃ. ଛବିଳ କୁମାର ମେହେର ମୁଖ୍ୟବକ୍ତା ଭାବରେ ଯୋଗଦେଇଥିବା ବେଳେ ବିଭାଗୀୟ ମୁଖ୍ୟ ଅଜିତ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ପ୍ରଭଞ୍ଜନ କୁମାର ମିଶ୍ର ଆଲୋଚନାଚକ୍ରର ଉଦ୍ଦେଶ୍ୟ ଉପସ୍ଥାପନ କରିଥିବାବେଳେ ଆଇ.କ୍ୟୁ. ଏ. ସି ସଂଯୋଜକ ବିଭୁତି ଭୂଷଣ ସାହୁ ମଂଚାସିନ ଥିଲେ ଏବଂ ଉତମ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍ଘାଟନ ସଭା ପରେ ଅନୁଷ୍ଠିତ ସମାନ୍ତରାଳ ଆଲୋଚନାଚକ୍ରରେ ପ୍ରଫେସର ଜୟନ୍ତ କୁମାର ଶର୍ମା ସଭାପତିତ୍ୱ କରିଥିବାବେଳେ ଡଃ. ରୂପଧର ଗମାଙ୍ଗୋ, ଦେବଦାସ ଖଟାଇ, ଡଃ. ବିଜୟ କୁମାର ବେହେରା, ଡଃ. ଦାଶରଥି ବେହେରା ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ମତାମତ ପ୍ରଦାନ କରିଥିଲେ ଓ ଅପରାହ୍ନରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ ୨ଟି ପ୍ରକୋଷ୍ଠରେ ସମସ୍ତ ଗବେଷକ ତଥା ବିଷୟ ବିଶେଷଜ୍ଞମାନେ ନିଜ ନିଜ ପ୍ରବନ୍ଧ ପାଠ କରିଥିଲେ ଓ ଅଧ୍ୟାପିକା ଲିପ୍ସା ମିଶ୍ର, ଅଧ୍ୟାପିକା ଉର୍ମିଳା ମଟାରୀ ପ୍ରମୁଖ ପତ୍ର ସଂଚାଳନ କରିଥିଲେ ଓ ଏଥିରେ ୪୦ ଟି ପ୍ରବନ୍ଧ ଉପସ୍ଥାପନ କରାଯାଇଥିଲା ଓ ସମାପନ ସତ୍ରରେ ଓଡ଼ିଶା ମୁକ୍ତ ରାଜ୍ୟ ବିଶ୍ୱବିଦ୍ୟାଳୟ, ସମ୍ବଲପୁରର ଅବସରପ୍ରାପ୍ତ କୁଳସଚିବ ପ୍ରଫେସର ଜୟନ୍ତ କୁମାର ଶର୍ମା ମୁଖ୍ୟବକ୍ତା ଭାବରେ ଯୋଗଦେଇ ହିନ୍ଦୀ ସାହିତ୍ୟର ବିମର୍ଶ ଉପରେ ଆଲୋକପାତ କରିଥିଲେ ଏବଂ ଏ ଅବସରରେ ତାଙ୍କୁ ରାଜାରାମ ସଂସ୍କୃତି-ସେତୁ ସମ୍ମାନ -୨୦୨୬ ପ୍ରଦାନ କରାଯାଇଥିଲା । ଏହି ଆଲୋଚନାଚକ୍ରରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟ, ଡଃ. ବି. ଡ଼ି. ଯତି କଲେଜ କର୍ଣ୍ଣାଟକ, ଉତ୍କଳ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର, ନେତାଜୀ ସୁବାସ ବୋଷ କଲେଜ ସମ୍ବଲପୁର, ସରକାରୀ ମହାବିଦ୍ୟାଳୟ ବଲାଙ୍ଗିର, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ବଲାଙ୍ଗିର, ସରକାରୀ ମହିଳା ମହାବିଦ୍ୟାଳୟ ବଲାଙ୍ଗିରର ଛାତ୍ର ଛାତ୍ରୀ, ଗବେଷକ/ ଗବେଷିକା, ଅଧ୍ୟାପକ ଅଧ୍ୟାପିକା ପ୍ରମୁଖ ନିଜ ନିଜ ପ୍ରବନ୍ଧ ପାଠ କରିଥିଲେ ଓ ଶେଷରେ ଉର୍ମିଳା ମଟାରୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଯେଉଁମାନେ ପ୍ରବନ୍ଧ ପାଠ କରିଥିଲେ ସେମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ଓ ଅଧ୍ୟାପକ ଆଦର୍ଶ କୁମାର ମହାପାତ୍ର, ଦିନେଶ ସିଂହ, ରିୟା ଶତପଥି, ପ୍ରତୀକ୍ଷା ପ୍ରତିଶୃତି, ଦେବଦତ ପାଣିଗ୍ରାହୀ, ରାକେଶ ମଲ୍ଲିକ, ସିଦ୍ଧାର୍ଥ ଦାଶ, ସୁଚେତା ଦୋରା, ଦୀପିକା ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ଛାତ୍ରୀ ତଥା ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ ।

# ସାମ୍ବାଦିକ ସୁଶାନ୍ତ ପୋଥାଳ ଓଡ଼ିଏମ୍ଏମ୍ ରାଜ୍ୟ ସମ୍ପାଦକ

ଭୁବନ : ଓଡ଼ିଶା ଡିଜିଟାଲ ମିଡିଆ ମହାସଂଘ ( ଓଡ଼ିଏମଏମ) ରାଜ୍ୟ ସମ୍ପାଦକ ଭାବେ ଦୀର୍ଘ ୨୫ ବର୍ଷର ଅଭିଜ୍ଞତା ସମ୍ପନ୍ନ ବରିଷ୍ଠ ସାମ୍ବାଦିକ ତଥା ଢ଼େଙ୍କାନାଳ ଜିଲ୍ଲା 'ଭୁବନ ସାମ୍ବାଦିକ ସଂଘ' ର ସମ୍ପାଦକ ସୁଶାନ୍ତ କୁମାର ପୋଥାଳ ମନୋନୀତ ହୋଇଛନ୍ତି । ଗତ ମଙ୍ଗଳବର ବିଧାନସଭା ଗେଷ୍ଟ ହାଉସ ଠାରେ ଓଡ଼ିଏମଏମ ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ବରିଷ୍ଠ ସାମ୍ବାଦିକ ମନୋଜ ଶତପଥୀ ଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ଜିଲ୍ଲାର ପଦାଧିକାରୀ ମାନେ ଯୋଗଦେଇ ରାଜ୍ୟ କମିଟି ଗଠନ କରିଥିଲେ । ଢ଼େଙ୍କାନାଳ ଜିଲ୍ଲାରୁ ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ପୋଥାଳ ଙ୍କୁ ଓଡ଼ିଏମଏମ ରାଜ୍ୟ ସମ୍ପାଦକ ଭାବେ ଚୟନ/ ମନୋନୀତ କରାଯାଇଥିଲା । ରାଜ୍ୟ ସଭାପତି ମନୋଜ ଶତପଥୀଙ୍କ ସମେତ ସମସ୍ତ ନବ ନିର୍ବାଚିତ ପଦାଧିକାରୀ ମାନଙ୍କୁ ଶ୍ରୀଯୁକ୍ତ ପୋଥାଳ ହାର୍ଦ୍ଦିକ ଅଭିନନ୍ଦନ , ଶୁଭେଚ୍ଛା ଜଣାଇବା ସହିତ କୃତଜ୍ଞତା ଜ୍ଞାପନ କରିଛନ୍ତି । ଓଡ଼ିଏମଏମ ଢ଼େଙ୍କାନାଳ ଜିଲ୍ଲା ଶାଖା, କାମାକ୍ଷାନଗର ଉପଖଣ୍ଡ ସାମ୍ବାଦିକ ସଂଘ,ଭୁବନ ସାମ୍ବାଦିକ ସଂଘ ସମେତ ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ତରଫରୁ ଶ୍ରୀଯୁକ୍ତ ପୋଥାଳଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି । ସାମ୍ବାଦିକ ମାନଙ୍କର ସ୍ୱାର୍ଥ, ସୁରକ୍ଷା ଓ ସ୍ୱାଭିମାନ ପାଇଁ ଓଡ଼ିଏମଏମ କାର୍ଯ୍ୟ କରିବ ବୋଲି ଶ୍ରୀଯୁକ୍ତ ପୋଥାଳ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

# ବର୍ଜ୍ୟ ପରିଚାଳନା ପାଇଁ ଜିଲ୍ଲା ସଂଚାଳନ ସମିତି ବୈଠକ

ଭଦ୍ରକ : ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ମିଳିତ ନିର୍ଦ୍ଦେଶନାମା ଅନୁଯାୟୀ ଜିଲ୍ଲା ସ୍ତରୀୟ ବର୍ଜ୍ୟ ପରିଚାଳନା ସଂଚାଳନ ସମିତିର ବୈଠକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାର ଚାରିଗୋଟି ବ୍ଲକର ମୋଟ ୨୧୮ଟି ଗ୍ରାମ ପଂଚାୟତରୁ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅଧୀନରେ ସଂଗ୍ରହ ହେଉଥିବା ଶୁଖିଲା ଓ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ସିଧାସଳଖ ଭାବେ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ନଗର ପାଳିକା ଓ ବିଜ୍ଞାପିତ ଅଂଚଳ ପରିଷଦ ଦ୍ୱାରା ସଂଗ୍ରହ କରାଯିବା ପାଇଁ ଆଲୋଚନା ହୋଇଥିଲା । ଏହା ସହ ଜିଲ୍ଲାର ଭଦ୍ରକ ପୌରପାଳିକା, ବାସୁଦେବପୁର ପୌରପାଳିକା, ଚାନ୍ଦବାଲି ଓ ଧାମନଗର ବିଜ୍ଞାପିତ ଅଂଚଳରେ ନିର୍ମିତ ପଦାର୍ଥ ପୁନରୁଦ୍ଧାର କେନ୍ଦ୍ର (ଏମ.ଆର.ଏଫ୍)ଗୁଡିକୁ ବ୍ୟବହାର କରି ସୁଚାରୁ ପରିଚାଳନା ପାଇଁ ରୁଟ୍ ଚାର୍ଟ ପ୍ରସ୍ତୁତି ଉପରେ ମଧ ଚର୍ଚ୍ଚା କରାଯାଇଥିଲା । ବୈଠକରେ ଜିଲ୍ଲାର ୧୧ଟି ପର୍ଯ୍ୟଟନ ସ୍ଥଳୀ ଏବଂ ସଂଲଗ୍ନ ମୁଖ୍ୟ ରାସ୍ତା ପାର୍ଶ୍ୱ ଗ୍ରାମ, ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଓ ବ୍ୟବସାୟିକ ପ୍ରତିଷ୍ଠାନମାନଙ୍କରେ ଦିନକୁ ଦିନ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁ ପରିମାଣର ସର୍ଭେ କରି ନିୟମିତ ସଂଗ୍ରହ ବ୍ୟବସ୍ଥା କରିବା ଓ ସ୍ୱଚ୍ଛତା ସୁନିଶ୍ଚିତ କରିବାକୁ ପଂଚାୟତିରାଜ, ନଗର ଉନ୍ନୟନ ଓ ପର୍ଯ୍ୟଟନ ବିଭାଗର ମିଳିତ ପ୍ରୟାସ ଉପରେ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଯୋଗେନ୍ଦ୍ର ସିଂହ, ରାଜ୍ୟସ୍ତରୀୟ ପରିମଳ ପରାମର୍ଶଦାତା ଏବଂ ୟୁନିସେଫ ରିସୋର୍ସ ପର୍ସନ ଭାବେ ଯୋଗଦେଇଥିଲେ । ଏଥିରେ ଜିଲ୍ଲା ପଂଚାୟତ ଅଧିକାରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଶୁଭେନ୍ଦ୍ର ସାମଲ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଧନାଇ ଚରଣ ଟୁଡୁ ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା, ହେମନ୍ତ କୁମାର ମହାନ୍ତ ଏବଂ ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ପୌରପାଳିକା ଓ ବିଜ୍ଞାପିତ ଅଂଚଳ ପ୍ରତିନିଧିମାନେ ଓ ଜିଲ୍ଲା ଜଳ ଓ ପରିମଳ ମିଶନର କର୍ମଚାରୀମାନେ ଉପସ୍ଥିତ ଥିଲେ । ପରିଶେଷରେ ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଆଗାମୀ ଦିନରେ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ତ୍ୱରାନ୍ୱିତ କରିବା ନେଇ ଆଲୋକପାତ କରି ଧନ୍ୟବାଦ ଜଣାଇଥିଲେ । ସଭାରେ ପରିବେଶ-ବନ୍ଧୁ ପଦ୍ଧତିକୁ ପ୍ରୋତ୍ସାହନ ଦେଇ କପାସ ତିଆରି ବ୍ୟାନର ଓ କାଗଜର କପ୍, ପ୍ଲେଟ୍ ଓ ଗ୍ଲାସ୍ ବ୍ୟବହାର କରାଯାଇଥିଲା ।

# ନୂଆପଡ଼ାରେ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ

ନୂଆପଡ଼ା : ନୂଆପଡ଼ା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ସିଡିଏମଓ ଡ. ଧନେଶ୍ୱର ସେଠୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଜିଲ୍ଲାପାଳ ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁହାର କମେଇବାକୁ ସର୍ବାଧିକ ଗୁରୁତ୍ୱ ଦେଇ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ଜୋର ଦେଇଥିଲେ । ଗତ ଫେବୃଆରୀ ମାସରେ ୩ଟି ମାତୃ ମୃତ୍ୟୁ ଓ ୧୮ଟି ଶିଶୁ ମୃତ୍ୟୁ ଘଟଣା ରିପୋର୍ଟ ହୋଇଥିବାରୁ ସେଗୁଡ଼ିକର ମୂଳ କାରଣ ଚିହ୍ନଟ କରି ନିରାକରଣମୂଳକ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ଆଂଟିନେଟାଲ କେୟାର କ୍ଷେତ୍ରରେ ୧୦୩ ପ୍ରତିଶତ ଲକ୍ଷ୍ୟ ହାସଲ ହୋଇଛି ଏବଂ ଡେଲିଭେରି ପଏ[ରେ ନବଜାତ ଶିଶୁ ସ୍କ୍ରିନିଂ ୯୪ ପ୍ରତିଶତ ପର୍ଯ୍ୟନ୍ତ ପହଂଚିଛି, ଯାହାକୁ ନେଇ ଜିଲ୍ଲାପାଳ ସନ୍ତୋଷ ପ୍ରକାଶ କରିଥିଲେ । ସମସ୍ତ ସୂଚକରେ ସୁଧାର ଆଣିବାକୁ ମଧ ସେ କହିଥିଲେ । ଜିଲ୍ଲାପାଳ ସମସ୍ତ ବିଦ୍ୟାଳୟରେ ଶିଶୁଙ୍କ ପାଇଁ ସ୍ୱାସ୍ଥ୍ୟ ପରିଚୟ ପତ୍ର (ଆଭା ଆଇଡି) ସୃଷ୍ଟି କରି ସ୍ୱାସ୍ଥ୍ୟ ତଥ୍ୟକୁ ଡିଜିଟାଲ ମାଧ୍ୟମରେ ସଂରକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରୂପେ ୮୦ ବର୍ଷ ଉର୍ଦ୍ଧ୍ୱ ବୟସ୍କ ନାଗରିକମାନଙ୍କ ପାଇଁ ଘରେ ଘରେ ସ୍ୱାସ୍ଥ୍ୟ ସେବା ପହଂଚାଇବାକୁ ବିଶେଷ 'ଅଭିଯାନ' ଆରମ୍ଭ କରାଯିବାକୁ ନିଷ୍ପତି ହୋଇଥିଲା । ଏହି ଅଭିଯାନ ଅନ୍ତର୍ଗତ ସ୍ୱାସ୍ଥ୍ୟ କର୍ମୀମାନେ ପ୍ରତି ମାସ ଥରେ ବରିଷ୍ଠ ନାଗରିକ ମାନଙ୍କ ଘରକୁ ଯାଇ ତାଙ୍କ ରକ୍ତ ଚାପ ଓ ମଧୁମେହ ପରୀକ୍ଷା କରିବେ । ଏହା ଦ୍ୱାରା ବୃଦ୍ଧମାନଙ୍କୁ ସହଜରେ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବ ବୋଲି ଜିଲ୍ଲାପାଳ କହିଥିଲେ । ଏହି ଅବସରରେ ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରୀ ସମିତି ବୈଠକ ମଧ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ହସ୍ପିଟାଲ ଉନ୍ନୟନ ଓ ସେବା ସୁଧାର ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା । ବୈଠକରେ, ଡିପିଏମଓ ସତ୍ୟନାରାୟଣ ତ୍ରିପାଠୀ, ଡିଏମଓ (ଏମଏସ୍)-କମ୍-ସୁପରିଟେଣ୍ଡେଂଟ ଡାକ୍ତର ଲଳିତ ମୋହନ ବିଶି, ଡିପିଏଚଓ ଡାକ୍ତର ଦ୍ୱାରିକାନାଥ ସତପଥୀ, ଏଡିପିଏଚଓ (ପରିବାର କଲ୍ୟାଣ) ଡାକ୍ତର ଜ୍ୟୋତିର୍ମୟ ସୁଭେନ୍ଦୁ ମହାନ୍ତି, ଏଡିପିଏଚଓ (କୁଷ୍ଠ) ଡାକ୍ତର ତନ୍ମୟ ତ୍ରିପାଠୀ ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ମାର୍ଚ୍ଚ ୩୧ରେ ନାଳନ୍ଦା ବିଶ୍ୱ ବିଦ୍ୟାଳୟର ଦ୍ୱିତୀୟ ଦୀକ୍ଷାନ୍ତ ସମାରୋହରେ ଯୋଗ ଦେବେ ରାଷ୍ଟ୍ରପତି



ପାଟଣା : ବିଶ୍ୱ ପ୍ରସିଦ୍ଧ ନାଳନ୍ଦା ବିଶ୍ୱବିଦ୍ୟାଳୟର ରାଜଗିର ସ୍ଥିତ ସ୍ଥାୟୀ କ୍ୟାମ୍ପସରେ ୩୧ ମାର୍ଚ୍ଚରେ ଦ୍ୱିତୀୟ ଦୀକ୍ଷାନ୍ତ ସମାରୋହ ଆୟୋଜିତ ହେବ । ଏହି ଐତିହାସିକ ଅବସରରେ ରାଷ୍ଟ୍ରପତି ଓ ବିଶ୍ୱବିଦ୍ୟାଳୟର ଭିଜିଟର ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଏହି ସମାରୋହ ଅନେକ ଦିଗରୁ ବିଶେଷ ହେବ, କାରଣ ନବ ଉଦ୍ଘାଟିତ ସ୍ଥାୟୀ କ୍ୟାମ୍ପସରେ ଆୟୋଜିତ ହେଉଥିବା ଏହା ପ୍ରଥମ ଦୀକ୍ଷାନ୍ତ ସମାରୋହ । ଏହି ଆଧୁନିକ କ୍ୟାମ୍ପସର ଉଦ୍ଘାଟନ ଜୁନ ୨୦୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା କରାଯାଇଥିଲା । ବିଶ୍ୱବିଦ୍ୟାଳୟର ପୁନରୁଦ୍ଧାର ପରେ ଏହା ଦ୍ୱିତୀୟ ଦୀକ୍ଷାନ୍ତ ସମାରୋହ, ଯେତେବେଳେ ପ୍ରଥମ ସମାରୋହ ୨୦୧୬ ମସିହାରେ ଆୟୋଜିତ ହୋଇଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ରାଜଗିର ଓ ନାଳନ୍ଦା ବିଶ୍ୱବିଦ୍ୟାଳୟକୁ ରାଷ୍ଟ୍ରପତି ଭାବେ ଏହା ପ୍ରଥମ ଗସ୍ତ ହେବ । ଏହି ସମୟରେ ସେ ଦୀକ୍ଷାନ୍ତ ଭାଷଣ ଦେବେ, ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରିବେ ଏବଂ ମେଧାବୀ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ଦ୍ୱାରା ସମ୍ମାନିତ କରିବେ । ଏହାସହିତ ସେ ବିଶ୍ୱବିଦ୍ୟାଳୟର ନୂତନ ନିର୍ମିତ ୨୦୦୦ ଆସନ ବିଶିଷ୍ଟ ସଭାଗୃହ 'ବିଶ୍ୱମିତ୍ରାଳୟ'ର ଉଦ୍ଘାଟନ ମଧ କରିବେ । ସମାରୋହରେ ପୋଷ୍ଟ-ଗ୍ରାଜୁଏଟ ଓ ଡକ୍ଟରେଟ ପ୍ରୋଗ୍ରାମର ଛାତ୍ରଛାତ୍ରୀମାନଙ୍କୁ ବ୍ୟକ୍ତିଗତ ଭାବେ ଡିଗ୍ରୀ ପ୍ରଦାନ କରାଯିବ । ଏହି ଦୀକ୍ଷାନ୍ତ ସମାରୋହର ଅନ୍ୟତମ ବିଶେଷତା ହେଉଛି ଏହାର ଆନ୍ତର୍ଜାତୀୟ ଅଂଶଗ୍ରହଣ, ଯେଉଁଥିରେ ଆର୍ଜେଣ୍ଟିନା, ଭିଏତନାମ, ଭୁଟାନ, ଇଣ୍ଡୋନେସିଆ, କେନିୟା, ଲାଓସ, ମ୍ୟାନମାର, ସର୍ବିଆ, ଘାନା, ଥାଇଲ୍ୟାଣ୍ଡ, ନେପାଳ, ବାଙ୍ଗ୍ଲାଦେଶ ଓ ଜିମ୍ବାବ୍ୱେ ସହ ଅନେକ ଦେଶର ଛାତ୍ରଛାତ୍ରୀ ଯୋଗଦେବେ ।

# ସରିଲା ଯୁକ୍ତ ୨ ପରୀକ୍ଷା, ଏପ୍ରିଲ ୨ ରୁ ଖାତାଦେଖା ଆରମ୍ଭ

ଭୁବନେଶ୍ୱର : ଉଏଚଏସଇରୁ ପରିଚାଳିତ +୨ ବର୍ଗର ସମସ୍ତ ପରୀକ୍ଷା ଶନିବାର ଶେଷ ହୋଇଛି । ତେବେ ଆସନ୍ତା ୪୦ରୁ ୪୫ ଦିନ ଭିତରେ ରେଜଲ୍ଟ ପ୍ରକାଶ ପାଇବ ବୋଲି କହିଛନ୍ତି ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା । କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକରେ ୪ଲକ୍ଷରୁ ଊର୍ଦ୍ଧ୍ୱ ପିଲା ପରୀକ୍ଷା ଦେଇଥିବାବେଳେ ୫ ହଜାର ପିଲା ଅନୁପସ୍ଥିତ ଥିଲେ । ଏପ୍ରିଲ ୨ରୁ ଯୁକ୍ତ ଦୁଇ ଖାତାଦେଖା ଆରମ୍ଭ ହେବ । ଖାତା ମୂଲ୍ୟାୟନ ପାଇଁ ୧୫୧ମୂଲ୍ୟାୟନ କେନ୍ଦ୍ର ସହିତ ୧୬ହଜାର ଅଧ୍ୟାପକ ନିୟୋଜିତ ହୋଇଛନ୍ତି । ସିଏଚ୍ଏସ୍ଇ ପରୀକ୍ଷା ନିୟନ୍ତ୍ରକ କହିଛନ୍ତି ଯେ, ବିଶେଷ କରି ଦୁଇଟି ପର୍ଯ୍ୟାୟରେ ଖାତା ଦେଖା ହେବ । ମୋଟ୍ ଆକାରରେ ଚଳିତ ବର୍ଷ ଯୁକ୍ତ ୨ରେ ୨୫ଲକ୍ଷ ଖାତା ମୂଲ୍ୟାୟନ ହେବ । ଏପ୍ରିଲ୍ ଶେଷ ସୁଦ୍ଧା ଖାତା ଦେଖା ଶେଷ ହେବା ସହ ମେ' ମାସରେ ପରୀକ୍ଷା ଫଳ ପ୍ରକାଶ ପାଇବାକୁ ଲକ୍ଷ୍ୟ ରଖାଯାଇଛି ।ଯୁକ୍ତ ଦୁଇ ଖାତା ଉଭୟ ଅଫଲାଇନ ଓ ଅନଲାଇନରେ ଦେଖା ହେବ । ମୂଲ୍ୟାୟନ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବ ।






# ଦିଲ୍ଲୀରେ ଟେଲି-ଲ ଜାତୀୟ ପରାମର୍ଶ କାର୍ଯ୍ୟକ୍ରମରେ ଯୋଗ ଦେବେ ଉପ ରାଷ୍ଟ୍ରପତି



ନୂଆଦିଲ୍ଲୀ : ବିଧି ଓ ନ୍ୟାୟ ମନ୍ତ୍ରଣାଳୟ ରବିବାର ବିଜ୍ଞାନ ଭବନରେ ଟେଲି-ଲ' ପ୍ରୟାସ ଅଧୀନରେ ଏକ ଭବ୍ୟ ଜାତୀୟ ପରାମର୍ଶ ଆୟୋଜନ କରିବ । ଏହାର ମୁଖ୍ୟ ଉଦ୍ଦେଶ୍ୟ ପ୍ରଯୁକ୍ତିର ମାଧ୍ୟମରେ ଆଇନଗତ ସେବାକୁ ସୁଦୃଢ଼ କରିବା ଓ ସମାଜର ଶେଷ ସୀମାରେ ଥିବା ଲୋକଙ୍କ ପର୍ଯ୍ୟନ୍ତ ନ୍ୟାୟ ପହଂଚ ସୁନିଶ୍ଚିତ କରିବା । ମନ୍ତ୍ରଣାଳୟର ଅନୁସାରେ, ଏହି ଜାତୀୟ ପରାମର୍ଶର ମୁଖ୍ୟ ଅତିଥି ଭାବେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଉପସ୍ଥିତ ରହିବେ । କାର୍ଯ୍ୟକ୍ରମର ବିଶିଷ୍ଟ ଅତିଥି ଭାବେ ବିଧି ଓ ନ୍ୟାୟ ରାଜ୍ୟମନ୍ତ୍ରୀ (ସ୍ୱତନ୍ତ୍ର ଦାୟିତ୍ୱ) ଅର୍ଜୁନ ରାମ ମେଘୱାଲ ସହ ଅନ୍ୟାନ୍ୟ ଗଣମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହିବେ । ଏହି ପରାମର୍ଶ 'ଦିଶା' ଯୋଜନା ଅଧୀନରେ ଆୟୋଜିତ ହେଉଛି, ଯେଉଁଥିରେ ଡିଜିଟାଲ ସଶକ୍ତିକରଣର ଅନେକ ନୂତନ ପରିମାଣ ପ୍ରସ୍ତୁତ କରାଯିବ । ଏହି ସମୟରେ 'ନ୍ୟାୟ ସେତୁ' ନାମକ ଏକ ଏଆଇ-ଚାଳିତ ଚ୍ୟାଟବଟ୍ ଏବଂ ଏହାର ମାସ୍କଟ୍ ଉନ୍ମୋଚନ କରାଯିବ । ଏହା ନାଗରିକମାନଙ୍କୁ ତାଙ୍କର ଆଇନଗତ ଅଧିକାର ବୁଝିବା ଓ ବିବାଦ ସମାଧାନ ବ୍ୟବସ୍ଥା ପର୍ଯ୍ୟନ୍ତ ପହଂଚିବାରେ ଏକ ଡିଜିଟାଲ ସେତୁ ଭାବେ ସାହାଯ୍ୟ କରିବ । ବର୍ଷ ୨୦୨୫-୨୬ ପାଇଁ ବିଶେଷ ପୁସ୍ତିକା "ଲାଭାନ୍ୱିତମାନଙ୍କର କଥା" (୨୦୨୫-୨୬) ର ଲୋକାର୍ପଣ କରାଯିବ, ଯେଉଁଥିରେ ଟେଲି-ଲ' ସେବାରୁ ଲାଭାନ୍ୱିତ ଲୋକମାନଙ୍କର ପ୍ରେରଣାଦାୟକ କାହାଣୀ ସଂଗ୍ରହ କରାଯାଇଛି । ଦିଲ୍ଲୀ ଜାତୀୟ ବିଧି ବିଶ୍ୱବିଦ୍ୟାଳୟ (ଏନଏଲୟୁ) ସହଯୋଗରେ ତିଆରି ହୋଇଥିବା କମିକ୍ସ ପୁସ୍ତକମାଳା ମଧ ମୁକ୍ତି ପାଇବ, ଯାହା ଯୁବ ଓ ଗ୍ରାମୀଣ ଲୋକଙ୍କ ପାଇଁ ଜଟିଳ ଆଇନ ଧାରଣାଗୁଡ଼ିକୁ ସହଜ କରିବ । ଜାତୀୟ ସଙ୍ଗୀତ "ବନ୍ଦେ ମାତରମ୍"ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ଶିଳ୍ପୀମାନଙ୍କ ଦ୍ୱାରା ଏକ ବିଶେଷ ସାଂସ୍କୃତିକ ପ୍ରଦର୍ଶନ ଦିଆଯିବ । ପରାମର୍ଶ ସମୟରେ ସାରା ଦେଶର ଟେଲି-ଲ' ପ୍ୟାନେଲ ଆଇନଜୀବୀ ଓ ଗ୍ରାମ ସ୍ତରୀୟ ଉଦ୍ୟମୀମାନଙ୍କ ସହ ସଜୀବ ଆଲୋଚନା କରାଯିବ । ସେହିପରି ଦିଲ୍ଲୀର ପ୍ରମୁଖ ବିଧି ମହାବିଦ୍ୟାଳୟମାନଙ୍କ ଦ୍ୱାରା ଦିଆଯାଉଥିବା ନିଶୁଳ୍କ ଆଇନ ସେବା ବିଷୟରେ ଏକ ବିଶେଷ ଅଂଶ ମଧ ରହିବ । ବିଶେଷଜ୍ଞ ଓ ନୀତି ନିର୍ମାତାମାନଙ୍କ ପରାମର୍ଶ ଆଧାରିତ ଏକ ଶ୍ୱେତପତ୍ର ମଧ ପ୍ରକାଶିତ ହେବ, ଯାହା ଭବିଷ୍ୟତ ଆଇନ ନୀତି ପାଇଁ ଏକ ରୋଡମ୍ୟାପ୍ ତିଆରି କରିବ । ଏହି ଆୟୋଜନରେ ସୁପ୍ରିମ କୋର୍ଟ ଇ-କମିଟି, ନାଲସା, ବାର ଏସୋସିଏସନ୍ର ସଦସ୍ୟମାନେ ଓ ବିଧି ସଂସ୍ଥାନର ଛାତ୍ରମାନେ ସହିତ ପ୍ରାୟ ୧୨୦୦ ଅଂଶଗ୍ରାହୀ ସାକ୍ଷାତ୍ ଉପସ୍ଥିତ ହେବେ, ଯେତେବେଳେ ସାରା ଦେଶର ହଜାର ହିତଧାରୀ ଅନଲାଇନ୍ ମାଧ୍ୟମରେ ଯୋଗଦେବେ । ଏହି ଜାତୀୟ ରାମର୍ଶ ନ୍ୟାୟ ବ୍ୟବସ୍ଥାରେ ଥିବା ବିଷମତାକୁ ଦୂର କରିବା ଓ ପ୍ରଯୁକ୍ତି ମାଧ୍ୟମରେ "ସମସ୍ତଙ୍କ ପାଇଁ ନ୍ୟାୟ" ଲକ୍ଷ୍ୟ ପ୍ରାପ୍ତି ପାଇଁ ଏକ କ୍ରାନ୍ତିକାରୀ ପଦକ୍ଷେପ ଅଟେ ।

# ମଧ୍ୟପ୍ରାଚ୍ୟ ସଂଘର୍ଷ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କଲେ ସାଉଦି ପ୍ରିନ୍ସ ସଲମାନ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଉଦି ଆରବର କ୍ରାଉନ ପ୍ରିନ୍ସ ସଲମାନଙ୍କ ସହ କଥା ହୋଇଛନ୍ତି । ଉଭୟ ନେତାଙ୍କ ମଧ୍ୟରେ ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଏବଂ ହୋର୍ମୁଜ ପ୍ରଣାଳୀରେ ସଙ୍କଟକୁ ନେଇ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ସାଉଦି କ୍ରାଉନ ପ୍ରିନ୍ସଙ୍କ ସହ ହୋଇଥିବା କଥାବାର୍ତ୍ତାର ସୂଚନା ସୋସିଆଲ ମିଡ଼ିଆରେ ଦେଇଛନ୍ତି । ସେ ଲେଖିଛନ୍ତି- ମୁଁ ଆଂଚଳିକ ଶକ୍ତି ଭିତିଭୂମି ଉପରେ ଆକ୍ରମଣକୁ ନେଇ ଭାରତର ନିନ୍ଦାକୁ ପୁନର୍ବାର ଦୋହରାଇଲି । ଏହା ବ୍ୟତୀତ ଉତେଜନା ହ୍ରାସ କରିବା ଓ କୂଟନୀତି ମାଧ୍ୟମରେ ମାମଲାକୁ ସମାଧାନ କରିବାକୁ ଅପିଲ କରିଛି । ଆମେ ଏହି କଥା ଉପରେ ସହମତି ହେଲୁ ଯେ, ସାମୁଦ୍ରିକ ପରିବହନର ସ୍ୱାଧୀନତା ସୁନିଶ୍ଚିତ କରିବା । ଏହା ବ୍ୟତୀତ ସମୁଦ୍ର ପଥଗୁଡ଼ିକୁ ଖୋଲା ଏବଂ ସୁରକ୍ଷିତ ରଖିବା । ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ମୋଦି ସାଉଦି ଆରବରେ ଭାରତୀୟ ଲୋକଙ୍କ ଯତ୍ନ ନେବା ପାଇଁ ସାଉଦି ପ୍ରିନ୍ସଙ୍କୁ ମଧ ଧନ୍ୟବାଦ ଜଣାଇ ଥିଲେ । ସେ ଲେଖିଛନ୍ତି, ସାଉଦି ଆରବରେ ରହିଥିବା ଭାରତୀୟ ସମ୍ପ୍ରଦାୟର କଲ୍ୟାଣ ପାଇଁ ତାଙ୍କର ନିରନ୍ତର ସମର୍ଥନ ଏବଂ ଚିନ୍ତା ପାଇଁ ମୁଁ ତାଙ୍କୁ ଧନ୍ୟବାଦ ଜଣାଉଛି । କହି ରଖୁଛୁ କି, ୨୮ ଫେବ୍ରୁଆରୀରେ ଆରମ୍ଭ ହୋଇ ଥିବା, ଇରାନ, ଆମେରିକା-ଇସ୍ରାଏଲ ଯୁଦ୍ଧ ପରେ ପିଏମ୍ ମୋଦିଙ୍କ ସହ ସାଉଦି କ୍ରାଉନ୍ ପ୍ରିନ୍ସଙ୍କ ସହ ଏହା ୩ୟ ସାକ୍ଷାତ । ପିଏମ୍ ମୋଦି ସଂସଦରେ ମଧ ଏହି କଥାକୁ ଉଲ୍ଲେଖ କରିସାରିଛନ୍ତି ଯେ, ସେ ନିରନ୍ତର ପଶ୍ଚିମ ଏସିଆର ଅନେକ ନେତାଙ୍କ ସହ ସଂପର୍କରେ ଅଛନ୍ତି । ଏହା ବ୍ୟତୀତ ସେ ଭାରତର ଶକ୍ତି ଆବଶ୍ୟକତା ଓ ଏହି ସବୁ ଦେଶରେ ଥିବା ଭାରତୀୟଙ୍କର ସୁରକ୍ଷା ଉପରେ ମଧ ନଜର ରଖିଛନ୍ତି । ଭାରତ ନିଜର ଶକ୍ତି ଆବଶ୍ୟକତାର ଏକ ବଡ଼ ଅଂଶ ସାଉଦି ଆରବରୁ ଆମଦାନୀ କରିଥାଏ । ଏମିତି ସ୍ଥିତିରେ ଭାରତ ଓ ସାଉଦି ଆରବ ମଧ୍ୟରେ ସଂପର୍କ ଆହୁରି ଅଧିକ ହୋଇଯାଏ । ଏହା ପୂର୍ବରୁ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଏହି ସମୟରେ ପିଏମ୍ ମୋଦି ଭାରତର ଆଭିମୁଖ୍ୟ ଉପରେ ସ୍ଥିତି ରହି ଉତେଜନାରୁ ହ୍ରାସ କରିବା ଓ ଯେତେ ଶୀଘ୍ର ଶାନ୍ତି ବଜାୟ ରଖିବାକୁ ଅପିଲ କରିଥିଲେ ।

# ନୟାଗଡ଼ ବସ୍ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ୪ ଲକ୍ଷ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଅନ୍ତର୍ଗତ ଟାକେରା ଘାଟି ନିକଟ ହନୁମାନଘାଟି ବୁଲାଣୀ ରାସ୍ତାରେ ଦୁର୍ଘଟଣା ଘଟି ୫ ଜଣଙ୍କର ମୃତ୍ୟୁ ଘଟିଛି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଲେଖାଏଁ ସହାୟତା ଘୋଷଣା କରିଛନ୍ତି । ସୂଚନା ଅନୁସାରେ, ବ୍ରହ୍ମପୁରରୁ ଛାଡ଼ିଥିବା ଏକ ଘରୋଇ ଯାତ୍ରୀବାହୀ ବସ୍ (ଅନିଲ୍) ପଶ୍ଚିମ ଓଡ଼ିଶାର ହରିଶଙ୍କର ମନ୍ଦିର ଦର୍ଶନ ପାଇଁ ଯାଉଥିଲା । ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଅନ୍ତର୍ଗତ ଟାକେରା ଘାଟି ନିକଟ ହନୁମାନଘାଟି ବୁଲାଣୀ ରାସ୍ତାରେ ବସ୍ଟି ହଠାତ୍ ଭାରସାମ୍ୟ ହରାଇ ଏକ ବଡ଼ ପଥରକୁ ଜୋରରେ ଧକ୍କା ଦେଇଥିଲା । ଏହା ପରେ ବସଟି ଓଲଟି ପଡ଼ିଥିଲା । ଯାତ୍ରୀମାନେ ବସ୍ ଭିତରେ ଛିଟିକି ପଡ଼ିଥିଲେ ଏବଂ ଅନେକେ ବସ୍ ତଳେ ଚାପି ହୋଇ ରହିଯାଇଥିଲେ । ଦୁର୍ଘଟଣାରେ ୫ ଜଣଙ୍କର ଜୀବନ ଚାଲିଯାଇଥିବାବେଳେ, ପ୍ରାୟ ୪୦ ଜଣ ଆହତ ହୋଇଛନ୍ତି, ଯେଉଁମାନଙ୍କ ମଧ୍ୟରୁ ୧୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ଖବର ପାଇ ଦଶପଲ୍ଲା ଏବଂ ବାଣୀଗୋଛା ପୋଲିସ, ଦମକଳ ବାହିନୀ ଏବଂ ଆମ୍ବୁଲାନ୍ସ ତୁରନ୍ତ ଘଟଣାସ୍ଥଳରେ ପହଂଚିଥିଲେ । ଗ୍ୟାସ୍ କଟର୍ ସାହାଯ୍ୟରେ ବସ୍କୁ କାଟି ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ପ୍ରଥମେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ଗୁରୁତର ୧୫ ଜଣଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

# ଦୁଇ ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍ ପ୍ରଚଳନ



ଭୁବନେଶ୍ୱର : ଦୂରଗାମୀ ରେଳ ସଂଯୋଗୀକରଣ ବୃଦ୍ଧି ଏବଂ ଯାତ୍ରୀମାନଙ୍କୁ ଉନ୍ନତ ଯାତ୍ରା ସୁବିଧା ପ୍ରଦାନ କରିବ ଦୁଇଟି ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍ । ଟ୍ରେନ୍ ନମ୍ବର ୧୮୦୬୩ ସାନ୍ତ୍ରାଗାଛି-ୟାଲାହାଙ୍କା ଏସି ଏକ୍ସପ୍ରେସ୍ ୨ ଏପ୍ରିଲ ୨୦୨୬ ରୁ ପ୍ରତି ଗୁରୁବାର ଦିନ ୧୨:୫୦ ରେ ସାନ୍ତ୍ରାଗାଛିରୁ ଛାଡ଼ିବ ଏବଂ ଶନିବାର ଦିନ ରାତି ୧୨ :୨୦ ରେ ୟାଲାହାଙ୍କାରେ ପହଂଚିବ । ଫେରିବା ଦିଗରେ, ଟ୍ରେନ ନମ୍ବର ୧୮୦୬୪ ୟାଲାହାଙ୍କା – ସାନ୍ତ୍ରାଗାଛି ଏସି ଏକ୍ସପ୍ରେସ ୪ ଏପ୍ରିଲ ୨୦୨୬ ଠାରୁ ପ୍ରତି ଶନିବାର ୟାଲାହାଙ୍କାରୁ ଭୋର ୦୪:୫୦ ରେ ଛାଡିବ ଏବଂ ରବିବାର ସନ୍ଧ୍ୟା ୫ ଟାରେ ସାନ୍ତ୍ରାଗାଛିରେ ପହଂଚିବ । ଯାତ୍ରା ସମୟରେ, ଟ୍ରେନଟି ପୂର୍ବ ତଟ ରେଳପଥ କ୍ଷେତ୍ରାଧିକାର ଅନ୍ତର୍ଗତ ପ୍ରମୁଖ ଷ୍ଟେସନଗୁଡ଼ିକ ଦେଇ ଯିବ, ଯଥା ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବ୍ରହ୍ମପୁର, ପଲାସା, ଶ୍ରୀକାକୁଲମ୍ ରୋଡ୍, ବିଜୟନଗରମ୍, କୋଟ୍ଟାଭାଲସା, ପେଣ୍ଡୁର୍ଟି ଏବଂ ଦୁଭାଡା ଇତ୍ୟାଦି । ଟ୍ରେନ ନମ୍ବର ୧୮୦୪୧ ଶାଲିମାର–ଏମଜିଆର ଚେନ୍ନାଇ ଏକ୍ସପ୍ରେସ୍ ୬ ଏପ୍ରିଲ ୨୦୨୬ ଠାରୁ ପ୍ରତି ସୋମବାର ଅପରାହ୍ନ ୨:୪୫ ରେ ଶାଲିମାରରୁ ଛାଡିବ ଏବଂ ମଙ୍ଗଳବାର ସନ୍ଧ୍ୟା ୬:୪୫ ରେ ଏମଜିଆର ଚେନ୍ନାଇରେ ପହଂଚିବ । ଫେରିବା ଦିଗରେ, ଟ୍ରେନ ନମ୍ବର ୧୮୦୪୨ ଏମଜିଆର ଚେନ୍ନାଇ-ଶାଲିମାର ଏକ୍ସପ୍ରେସ୍ ୭ ଏପ୍ରିଲ ୨୦୨୬ ଠାରୁ ପ୍ରତି ମଙ୍ଗଳବାର ସନ୍ଧ୍ୟା ୬:୪୫ ରେ ଏମଜିଆର ଚେନ୍ନାଇରୁ ଛାଡିବ ଏବଂ ଗୁରୁବାର ଭୋର ୪:୦୦ ରେ ଶାଲିମାରରେ ପହଂଚିବ ।

# ଅଙ୍ଗ ପ୍ରତିରୋପଣ ଏବଂ ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତାର ଉପଯୋଗ ଏମ୍ସ ଭୁବନେଶ୍ୱର ଓ ନାମ୍ସ ପକ୍ଷରୁ ଆଂଚଳିକ ଚିକିତ୍ସା ଶିକ୍ଷା କାର୍ଯ୍ୟକ୍ରମ

ଭୁବନେଶ୍ୱର : ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ଅଙ୍ଗ ପ୍ରତିରୋପଣର ଚାହିଦା । ଏହାର ଗୁରୁତ୍ୱକୁ ଉପଲବ୍ଧି କରିବା ସହିତ, ବ୍ୟାପକ ସଚେତନତା ପ୍ରସାର, ସଂସ୍ଥାଗତ ପ୍ରସ୍ତୁତିକୁ ଦୃଢ଼ କରିବା, ଅଙ୍ଗଦାତାଙ୍କ ସଂଖ୍ୟା ବିସ୍ତାର କରିବା ଏବଂ ପ୍ରତିରୋପଣ ଫଳାଫଳକୁ ଉନ୍ନତ କରିବା ପାଇଁ ନୀତି ରଣନୀତି ସହିତ ସମନ୍ୱୟ ସ୍ଥାପନ କରିବାର ଜରୁରୀ ଆବଶ୍ୟକତା ରହିଛି । ଏନେଇ, ଏମ୍ସ ଭୁବନେଶ୍ୱର, ଜାତୀୟ ଚିକିତ୍ସା ବିଜ୍ଞାନ ଏକାଡେମୀ (ନାମ୍ସ) ସହଯୋଗରେ, ଚଳିତ ମାସ ୩୦(ସୋମବାର) 'ସ୍ୱାସ୍ଥ୍ୟସେବାରେ ଅଙ୍ଗ ପ୍ରତିରୋପଣ ଏବଂ କୃତ୍ରିମ ବୁଦ୍ଧିମତା (ଏଆଇ)' ଉପରେ ଏକ ପ୍ରସାରଣ କର୍ମଶାଳା ସହ ଆଂଚଳିକ ନିରନ୍ତର ଚିକିତ୍ସା ଶିକ୍ଷା (ସିଏମ୍ଇ) କାର୍ଯ୍ୟକ୍ରମ ଆୟୋଜିତ ହେବ । ଏମ୍ସ ଭୁବନେଶ୍ୱର ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି ଦିନିକିଆ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ କ୍ଲିନିକାଲ୍ ଏବଂ ଗବେଷଣା କ୍ଷେତ୍ରରେ ଏଆଇ ସମ୍ପର୍କିତ ବ୍ୟବସ୍ଥାର ବୁଝାମଣା ଏବଂ ଗ୍ରହଣକୁ ତ୍ୱରାନ୍ୱିତ କରିବା ସହିତ ଏନେଇ ରହିଥିବା ପ୍ରମୁଖ ଆହ୍ୱାନଗୁଡ଼ିକୁ ସମାଧାନ କରିବା । ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଏବଂ ଝାଡ଼ଖଣ୍ଡ ଭଳି ଚାରୋଟି ରାଜ୍ୟର ପ୍ରମୁଖ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରୁ ତିନି ଶହରୁ ଅଧିକ ଡାକ୍ତର/ଗବେଷକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ଆଶା କରାଯାଉଛି । ଏମ୍ସ ପାଟ୍ନା, ଏମ୍ସ ଦେଓଘର, ଏମ୍ସ କଲ୍ୟାଣୀ ଏବଂ ଏମ୍ସ ଭୁବନେଶ୍ୱରରୁ ମଧ ପ୍ରତିନିଧିମାନେ ଏହି ସିଏମ୍ଇରେ ସାମିଲ ହେବେ । ସେହିପରି ଆଇଆଇଟି ଭୁବନେଶ୍ୱର, ପିଜିଆଇଏମ୍ଇଆର୍ ଚଣ୍ଡିଗଡ଼, ନାଇସର୍ ଭୁବନେଶ୍ୱର, ଓଟିଟିଇଟି, ଆଇସର୍ ବ୍ରହ୍ମପୁର, ଆଇଜିଆଇଏମ୍ଏସ ପାଟନା ଭଳି ପ୍ରମୁଖ ପ୍ରତିଷ୍ଠାନ ଏବଂ ରୋଟ୍ଟୋ, ସୋଟ୍ଟୋ ସମେତ ଜାତୀୟ ପ୍ରତିରୋପଣ ସଂଗଠନର ବିଶିଷ୍ଟ ବିଶେଷଜ୍ଞମାନେ ମଧ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ଏହି କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟସେବାରେ ଅଙ୍ଗ ପ୍ରତିରୋପଣ ଏବଂ କୃତ୍ରିମ ବୁଦ୍ଧିମତା(ଏଆଇ) ଭଳି ଦୁଇଟି ଉଚ୍ଚପ୍ରଭାବଶାଳୀ ବିଷୟ ସମ୍ବନ୍ଧରେ ଏକ ବ୍ୟାପକ ଶୈକ୍ଷିକ ପ୍ଲାଟଫର୍ମ ଭାବରେ ଡିଜାଇନ୍ କରାଯାଇଛି । ପ୍ରଥମ ଅଧିବେଶନରେ ଅଙ୍ଗ ପ୍ରତିରୋପଣ, ନୀତିଗତ ଢାଂଚାକୁ ସମ୍ବୋଧିତ କରିବା, ନୈତିକ ଏବଂ ଆଇନଗତ ବିଚାର, ଦାତା ପୁଲ ପ୍ରସାରଣ ରଣନୀତି, ଭିତିଭୂମି ବିକାଶ, ଏବଂ ହୃଦ୍ରୋଗ, ବୃକକ୍, ହେମାଟୋପୋଏଟିକ୍ ଏବଂ ଗୁରୁତ୍ୱପୂର୍ଣ୍ଣ ଯତ୍ନ କ୍ଷେତ୍ରରେ ବହୁବିଧ କ୍ଲିନିକାଲ୍ ଅଭ୍ୟାସ ଉପରେ ଧ୍ୟାନ ଦିଆଯିବ । ଦ୍ୱିତୀୟ ଅଧିବେଶନରେ ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତାର ପରିବର୍ତ୍ତନଶୀଳ ଭୂମିକା ଅନୁସନ୍ଧାନ କରାଯିବ, କ୍ଲିନିକାଲ୍ ନିଷ୍ପତି ଗ୍ରହଣ, ଡିଜିଟାଲ୍ ପାଥୋଲୋଜି, ଜିନୋମିକ୍ସ, ଟେଲିମେଡିସିନ୍ ଏବଂ ଯମଜ ଡିଜିଟାଲ୍ ମାନବ ଭଳି ଉଦୀୟମାନ ଉଦ୍ଭାବନରେ ଏହାର ପ୍ରୟୋଗ ଉପରେ ଆଲୋଚନା କରାଯିବ । ଅଙ୍ଗ ପ୍ରତିରୋପଣ ଆଧୁନିକ ଚିକିତ୍ସା ବିଜ୍ଞାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଫଳତା ମଧ୍ୟରୁ ଗୋଟିଏ । ଅନ୍ତିମ ପର୍ଯ୍ୟାୟ ଅଙ୍ଗ ବିଫଳତା ସହିତ ରୋଗୀଙ୍କ ପାଇଁ ଜୀବନ ରକ୍ଷାକାରୀ ଭାବେ ଉଭାହୋଇଛି ଅଙ୍ଗ ପ୍ରତିରୋପଣ ।

# ବିଜୁଳି ସହ ବର୍ଷା ସମ୍ଭାବନା ; ୪ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର : ଆସନ୍ତା ୨୪ ଘଂଟାରେ ବର୍ଷା । ବିଜୁଳି ଘଡ଼ ଘଡ଼ି ସହ ବର୍ଷା ସମ୍ଭାବନା । ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର । କାଳବୈଶାଖୀ ପ୍ରଭାବ ସହ ଘଂଟା ପ୍ରତି ପବନର ବେଗ ୫୦-୬୦କିଲୋମିଟର ରହିବ । ଏ ନେଇ ୪ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଦେଇଛି ପାଣିପାଗ ବିଭାଗ । ଜିଲ୍ଲା ଗୁଡ଼ିକ ହେଲା ମୟୂରଭଞ୍ଜ, କେଉଁଝର, ବାଲେଶ୍ୱର ଓ ଭଦ୍ରକ । ସେହିପରି ପ୍ରବଳ ବର୍ଷା ସହ କାଳବୈଶାଖୀ ଜନିତ ପ୍ରଭାବ ପାଇଁ ସୁନ୍ଦରଗଡ, ଦେଓଗଡ଼, ଅନୁଗୁଳ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, ନୟାଗଡ଼ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏ ସମସ୍ତ ଜିଲ୍ଲାରେ ବିଜୁଳି ଘଡ ଘଡି ସହ ପବନର ବେଗ ଘଂଟା ପରି ୪୦-୫୦କିଲୋମିଟର ରହିବ । ଅନ୍ୟପଟେ କଟକ, ଜଗତସିଂପୁର, ପୁରୀ, ଖୋର୍ଦ୍ଧା, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଜିଲ୍ଲାରେ ମଧ୍ଯ କାଳବୈଶାଖୀ ପ୍ରଭାବ ରହିବ । ପବନର ବେଗ ୩୦-୪୦କିଲୋମିଟର ରହିବ । ଏଭଳି ପାଗ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଲାଗି ରହିବ ବୋଲି ଜଣାପଡ଼ିଛି । ଏ ନେଇ ପାଣିପାଗ ବିଭାଗ ସୂଚନା ଦେଇଛି । ଖାସ୍ କରି ଉତର ଉପକୂଳ ଓଡ଼ିଶାରେ ବିଶେଷ ପ୍ରଭାବ ଦେଖାଯିବା ସହ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଗଭୀର ମଧ୍ୟକୁ ଯିବାକୁ ବାରଣ ହୋଇଛି । ସେପଟେ ଗତ ୨୪ଘଂଟାରେ ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ର ୩୯.୫ଡିଗ୍ରୀ ସେଲସିୟସ ରେକର୍ଡ଼ ହୋଇଛି । ଆସନ୍ତା ୩ଦିନ ଯାଏଁ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ।

# ହକି ଇଣ୍ଡିଆ ଅଷ୍ଟମ ବାର୍ଷିକ ପୁରସ୍କାର : ନଭନୀତ ଓ ହାର୍ଦ୍ଦିକ ବର୍ଷର ଶ୍ରେଷ୍ଠ ଖେଳାଳି




ନୂଆଦିଲ୍ଲୀ : ହକି ଇଣ୍ଡିଆର ଅଷ୍ଟମ ବାର୍ଷିକ ପୁରସ୍କାର ପ୍ରଦାନ ସମାରୋହରେ ନଭନୀତ କୌର ଓ ହାର୍ଦ୍ଦିକ ସିଂ ବର୍ଷର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ପୁରସ୍କାର ସ୍ୱରୂପ ଉଭୟଙ୍କୁ ୨୦ ଲକ୍ଷ ଲେଖାଏଁ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା । ସେମିତି ମେଜର ଧ୍ୟାନଚାନ୍ଦ ଜୀବନବ୍ୟାପୀ ସାଧନା ପୁରସ୍କାର ପାଇଥିଲେ ଜାଫର ଇକବାଲ । ତାଙ୍କୁ ୨୫ ଲକ୍ଷ ଟଙ୍କାର ଆର୍ଥିକ ରାଶି ମିଳିଥିଲା । ଆୟୋଜିତ ପୁରସ୍କାର ସମାରୋହରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ, ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖାଡସେ, ଅଲିମ୍ପିଆନ ହରବିନ୍ଦର ସିଂ, ଅସଲମ ଶେର ଖାନ, ଜାଫର ଇକବାଲ, ଭିନିତ କୁମାର, ଜଗବୀର ସିଂ ଓ ସୀତା ମେହେଟାଙ୍କ ସହ ହକି ଇଣ୍ଡିଆର ଅଧିକାରୀମାନେ ଉପସ୍ଥିତ ରହିଥିଲେ । ୧୫ତମ ହକି ଇଣ୍ଡିଆ ଜାତୀୟ ଚାମ୍ପିଅନସିପ୍ର ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଝାଡ଼ଖଣ୍ଡ, ହରିଆନା, ମିଜୋରାମ, ପଞ୍ଜାବ, ମଧ୍ୟପ୍ରଦେଶ, ଓଡ଼ିଶା ଓ ଉତର ପ୍ରଦେଶକୁ ୧୦ ଲକ୍ଷ ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା ।ଶ୍ରେଷ୍ଠ ଗୋଲକିପର-ବିଚ୍ଛୁ ଦେବୀ (୫ ଲକ୍ଷ), ବର୍ଷର ଶ୍ରେଷ୍ଠ ଡିଫେଣ୍ଡର-ସୁମିତ (୫ ଲକ୍ଷ), ବର୍ଷର ଶ୍ରେଷ୍ଠ ଫରୱାର୍ଡ-ସୁଖଜିତ ସିଂ ( ୫ ଲକ୍ଷ), ଅପ୍କମିଙ୍ଗ ପ୍ଲେୟାର ଅଫ୍ ଦ ଇୟର (୨୧ ବର୍ଷରୁ କମ୍)-ସାକ୍ଷୀ ରାଣା (ମହିଳା) ଓ ପ୍ରିନ୍ସ ଦୀପ ସିଂ (ପୁରୁଷ) ୧୦ ଲକ୍ଷ ଲେଖାଏଁ ।

# ୨ ସପ୍ତାହ ଆଇପିଏଲରୁ ଓହରିଲେ ଧୋନି




ଚେନ୍ନାଇ: ଆଇପିଏଲ ୨୦୨୬ ଆରମ୍ଭରୁ ଚେନ୍ନାଇ ସୁପର କିଂସକୁ ଶକ୍ତ ଧକ୍କା ଲାଗିଛି । ଦଳର ଷ୍ଟାର ଖେଳାଳି ମହେନ୍ଦ୍ର ସିଂ ଧୋନୀ ଆଘାତ ସମସ୍ୟା ଯୋଗୁ ୨ ସପ୍ତରାହ ପର୍ଯ୍ୟନ୍ତ ଓହରି ଯାଇଛନ୍ତି । ସିଏସକେ ପକ୍ଷରୁ ଏ ନେଇ ବିଧିବଦ୍ଧ ଭାବେ ପ୍ରଶଂସକଙ୍କୁ ଜଣାଇଛନ୍ତି । ମାଂସପେଶୀଜନିତ ସମସ୍ୟା ଯୋଗୁ ଡାକ୍ତର ତାଙ୍କୁ ବିଶ୍ରାମ ନେବା ପାଇଁ ପରାମର୍ଶ ଦେଇଛନ୍ତି । ୧୪ ଦିନ ପର୍ଯ୍ୟନ୍ତ ବିଶ୍ରାମ ନେବେ ମାନେ ସେ ୩ଟି ମ୍ୟାଚରେ ଖେଳି ପାରିବେ ନାହିଁ । ମାର୍ଚ୍ଚ ୩୦ରେ ଚେନ୍ନାଇ ତାର ଅଭିଯାନ ରାଜସ୍ଥାନ ବିପକ୍ଷରେ ଆରମ୍ଭ କରିବ । ଏହି ମ୍ୟାଚରେ ଗୌହାଟୀରେ ଖେଳାଯିବ । ଏପ୍ରିଲ ୩ରେ ପଞ୍ଜାବ କିଙ୍ଗସ ଓ ୫ରେ ଆରସିବି ବିପକ୍ଷରେ ମ୍ୟାଚ ଖେଳିବ । ଯେତେଦୂର ସମ୍ଭବ ଏପ୍ରିଲ ୧୧ରେ ଧୋନୀ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଖେଳିପାରନ୍ତି । ୨୦୨୪ ସିଜନରେ ପରେ ଧୋନୀ ଏହି ଆଘାତ ସମସ୍ୟାରୁ ମୁକୁଳିବା ପରେ ଅପରେଶନ କରାଇଥିଲେ । ସେ ସମୟରେ ତାଙ୍କର ଆଇପିଏଲ ଖେଳିବା ସମ୍ଭାବନା କ୍ଷୀଣ ବୋଲି କୁହାଯାଇଥିଲା । ପୂନର୍ବାର ଆଘାତ ସମସ୍ୟା ଉପୁଜିଥିବାରୁ ଧୋନୀଙ୍କ ଏହା ଶେଷ ଆଇପିଏଲ ବୋଲି ଅନୁମାନ କରାଯାଉଛି ।

# ଆଇପିଏଲ-୨୦୨୬ : ଆରସିବି ଆଗରେ ୨୦୨ ରନ୍ର ବିଜୟ ଲକ୍ଷ୍ୟ ରଖିଲା ହାଇଦ୍ରାବାଦ



ବେଙ୍ଗାଲୁର: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୯ତମ ସଂସ୍କରଣ ଶନିବାର ଠାରୁ ଆରମ୍ଭ ହୋଇଯାଇଛି । ଉଦ୍ଘାଟନୀ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ସନ୍ରାଇଜର୍ସ ହାଇଦ୍ରାବାଦ୍ ଭେଟିଛି । ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍ରେ ହାଇଦ୍ରାବାଦ ଟିମ୍ର ଅଧିନାୟକ ଈଶାନ କିଶନ ବିସ୍ଫୋରକ ବ୍ୟାଟିଂ କରିଛନ୍ତି । ସେ ୩୮ଟି ବଲ୍ ଖେଳି ୮ଟି ଚୌକା ଏବଂ ୫ଟି ଛକା ବଳରେ ୮୦ ରନ୍ ସଂଗ୍ରହ କରିଛନ୍ତି । ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୯ଟି ୱିକେଟ୍ ହରାଇ ୨୦୧ ରନ୍ ସଂଗ୍ରହ କରିଛି । ଫଳରେ ବେଙ୍ଗାଲୁରୁକୁ ଏହି ମ୍ୟାଚ୍ ଜିତିବା ପାଇଁ ୨୦୨ ରନ୍ର ଲକ୍ଷ୍ୟ ମିଳିଛି । ଟସ୍ ଜିଣି ବେଙ୍ଗାଲୁରୁ ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ଫଳରେ ହାଇଦ୍ରାବାଦ ଟିମ୍କୁ ବ୍ୟାଟିଂ କରିବାକୁ ସୁଯୋଗ ମିଳିଥିଲା । ଅଧିନାୟକ ଈଶାନ କିଶନଙ୍କ ବ୍ୟତୀତ ହେନରିକ୍ କ୍ଲାସେଁ ଭଲ ପ୍ରଦର୍ଶନ କରିଥିଲେ । ସେ ୨୨ଟି ବଲ୍ ଖେଳି ୩୧ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ସେ ୨ଟି ଚୌକା ଏବଂ ଗୋଟିଏ ଛକା ସାମିଲ କରିଥିଲେ । ସେହିପରି ଅନିକେତ ବର୍ମା ମଧ ଭଲ ବ୍ୟାଟିଂ କରିଥିଲେ । ସେ ୧୮ଟି ବଲ୍ ଖେଳି ୩ଟି ଚୌକା ଏବଂ ୪ଟି ଛକା ବଳରେ ୪୩ ରନ୍ ସଂଗ୍ରହ କରିଥିଲେ । କିନ୍ତୁ ବେଙ୍ଗାଲୁରୁ ଟିମ୍ର ଅନ୍ୟ ବ୍ୟାଟରଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା । ଉଭୟ ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦର ଖେଳାଳି, କୋଚ୍, ଅମ୍ପାୟାରର୍ସ ଏବଂ ପ୍ରଶଂସକ ଗୋଟିଏ ମିନିଟ ପାଇଁ ମୌନ ରହିଥିଲେ । ଗତବର୍ଷ ଆରସିବିର ଚାମ୍ପିଅନ ପରେ ଉତ୍ସବପାଳନ ସମୟରେ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳଚକଟା ଯୋଗୁ ୧୧ଜଣଙ୍କର ମୃତ୍ୟୁ ଘଟିଥିଲା । ସ୍ୱର୍ଗବାସୀ ଲୋକଙ୍କର ସ୍ମୃତିରେ ଏହି ପଦକ୍ଷେପ ନିଆଯାଇଥିଲା ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**